# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୩/୨୦୧୯ | Balasore, Tuesday, April 23/2019



# ନବୀନ ଓଡ଼ିଶା ସମସ୍ତଙ୍କ ଓଡ଼ିଶା



ନବୀନଙ୍କ ପାଇଁ
ଦିଲ୍ଲୀରେ ଶୁଭିବ
ଆମ ସ୍ୱର
ଆମକୁ ନବୀନ ଦରକାର



ନବୀନଙ୍କ ପାଇଁ
ମତେ ମିଳିଛି
'କାଳିଆ' ଟଙ୍କା
ମତେ ନବୀନ ଦରକାର



ନବୀନଙ୍କ ପାଇଁ
ମତେ ମିଳିଛି
'ବିଜୁ ପକ୍କାଘର'
ମତେ ନବୀନ ଦରକାର



ଆମ ବସ୍ତିବାସିନ୍ଦାଙ୍କୁ
ନବୀନ ଦେଲେ
'ଜାଗା'
ଆମକୁ ନବୀନ ଦରକାର



ଆମ ଭଳି ୨୫ଲକ୍ଷ ଲୋକଙ୍କୁ
ନବୀନ ଦେଲେ
'ରାଜ୍ୟ ଖାଦ୍ୟ ସୁରକ୍ଷା
ଯୋଜନାରେ ଚାଉଳ'
ଆମକୁ ନବୀନ ଦରକାର



ଆମକୁ ନବୀନ ଦେଲେ
'ମଧୁବାବୁ ପେନ୍‌ସନ୍'
ଆମକୁ ନବୀନ ଦରକାର



ଆମ ମା' ପିଲାଙ୍କ ପାଇଁ
ନବୀନ କଲେ
'ମମତା'
ଆମକୁ ନବୀନ ଦରକାର



ଆମ ସମସ୍ତଙ୍କ ପାଇଁ
ନବୀନ କଲେ
'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'
ଆମକୁ ନବୀନ ଦରକାର



ଗାଁରୁ ଦିଲ୍ଲୀ ପର୍ଯ୍ୟନ୍ତ
ଆମକୁ ସବୁଠି
ନବୀନ କଲେ ସଶକ୍ତ
ଆମକୁ ନବୀନ ଦରକାର



ଆମ ପାଇଁ ନବୀନ
କଲେ
'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'
ଆମକୁ ନବୀନ ଦରକାର



ଆମ ନିର୍ମାଣ ଶ୍ରମିକଙ୍କୁ
ନବୀନ ଦେଲେ
ସୁରକ୍ଷା ଓ ସମ୍ମାନ
ଆମକୁ ନବୀନ ଦରକାର



ଆମ ପାଇଁ ନବୀନ କଲେ
ଆଦର୍ଶ ବିଦ୍ୟାଳୟ,
ଆବାସିକ ଛାତ୍ରାବାସ,
'ମୋ ସ୍କୁଲ୍'
ଆମକୁ ନବୀନ ଦରକାର



ଆମକୁ ନବୀନ ଦେଲେ
'ଲାପଟପ୍,
ବିନାସୁଧରେ ଶିକ୍ଷା ଋଣ'
ଆମକୁ ନବୀନ ଦରକାର



'ସ୍କିଲ୍ଡ ଇନ୍ ଓଡ଼ିଶା'ରେ
ଆମର ଦକ୍ଷତା ବିକାଶ
କଲେ ନବୀନ
ଆମକୁ ନବୀନ ଦରକାର




'ମେକ୍ ଇନ୍ ଓଡ଼ିଶା'ରେ
ଆମ ପାଇଁ
ନବୀନ ସୃଷ୍ଟି କଲେ
୩୦ଲକ୍ଷ ନିଯୁକ୍ତି ସୁଯୋଗ
ଆମକୁ ନବୀନ ଦରକାର



## ନବୀନ ଆମ ପରିବାର 'ଶଙ୍ଖ' ଆମ ଚିହ୍ନ

ବିଜୁ ଜନତା ଦଳ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।



Issued by Biju Janata Dal, Odisha

# ଆଜି ଭୋଟ: ସବୁଠି କଡ଼ା ସୁରକ୍ଷା

କେନ୍ଦୁଝର, ୨୨।୪ (ସ୍ୱ.ପ୍ର.)

ମଙ୍ଗଳବାର ତୃତୀୟ ପର୍ଯ୍ୟାୟରେ କେନ୍ଦୁଝର ଲୋକସଭା ଓ ୬ ବିଧାନସଭା ପାଇଁ ଭୋଟ ହେବ। ସମୁଦାୟ ୧୭୨୦ ଭୋଟ ଗ୍ରହଣ କେନ୍ଦ୍ରରେ ୧୩,୨୯,୦୨୫ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ସେଥିରୁ ଗୁରୁତ୍ୱପୂର୍ଣ୍ଣ ୭୨୬ ଭୋଟ କେନ୍ଦ୍ରରେ ମାଇକ୍ରୋ ଅବଜରଭର, ସିସିଟିଭି, ଓେବ କାଷ୍ଟିଙ୍ଗ, ଭିଡିଓ ଗ୍ରାଫି, ଫଟୋଗ୍ରାଫୀ ବ୍ୟବସ୍ଥା କରାଯାଇଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ସକାଳ ୭ ରୁ ୪ ଟା ଯାଏଁ ହେବ ଅବଶିଷ୍ଟ ସଦର, ତେଲକୋଇ,ଘଷିପୁରା, ଆନନ୍ଦପୁର ଓ ପାଟଣା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ୭ ଟାରୁ ୬ ଟା ଯାଏଁ ହେବ ବୋଲି ଖବରଦାତା ସମ୍ମିଳନୀରେ ଜିଲା ନିର୍ବାଚନ ଅଧିକାରୀ ଆଶୀଷ ଥାକରେ କହିଛନ୍ତି।

ଏସପି ଜୟନାରାୟଣ ପଙ୍କଜ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ୪ କଂପାନୀ ସିଆରପିଏଫ ଘଷିପୁରା ନିର୍ବାଚନ ମଣ୍ଡଳୀର ସୁରକ୍ଷା ବ୍ୟବସ୍ଥା ପାଇଁ ଆସିଥିବା ବେଳେ ୨ କମ୍ପାନୀ ଆଇଟିବିପି ଫୋର୍ସ ଆନନ୍ଦପୁର ଓ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ନିୟୋଜିତ ହେବେ । ୧ କମ୍ପାନୀ ସଶସ୍ତ୍ର ପୋଲିସଙ୍କୁ ଷ୍ଟ୍ରଙ୍ଗରୁମରେ ଇଭିଏମ ମେଶିନ ଜଗିବା ପାଇଁ ନିୟୋଜିତ କରାଯିବ । ସେହିପରି ୧ କମ୍ପାନୀ ଓଏସଏପି ବିଭିନ୍ନ ଥାନା ମାନଙ୍କରେ ରହି ସୁରକ୍ଷା ବ୍ୟବସ୍ଥା ଦେଖିବେ। ଏହା ସତ୍ତ୍ୱେ ଜିଲା ଓ ଜିଲା ବାହାରୁ ଆସିଥିବା ପୋଲିସ ପୋଲିଂ ବୁଥରେ ରହିବେ । ଜିଲାରେ ୬ ଜଣ ପର୍ଯ୍ୟବେକ୍ଷକ ଏବଂ ୩୬ ଫ୍ଲାଇଙ୍ଗ ସ୍କ୍ୱାର୍ଡଙ୍କୁ ନିୟୋଜିତ କରାଯାଇଛି। ୧୧୬ ଟି ମୋବାଇଲ ପୋଲିସ ପାର୍ଟି ସମେତ ୫ ଟି ବାଇକ ମୋବାଇଲ ପାର୍ଟି, ୪ ଏସଓଜି ଗ୍ରୁପ ନିୟୋଜିତ କରାଯାଇଛି। ୧୯୨ ସେକ୍ଟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ୧୮୧ ଟି ପୋଲିଂ ବୁଥରେ ମହିଳା ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। କେତେକ ପୋଲିଂ ବୁଥରେ ସହାୟତା ପାଇଁ ଏନସିସି ପିଲାଙ୍କୁ ନିୟୋଜିତ କରାଯାଇଥିବା ଜଣାପଡିଛି। ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ( ତେଲକୋଇ ବ୍ୟତୀତ) ପିଙ୍କ ବୁଥ କରାଯାଇଛି। ୧୫ ଲେଖାଁଏ ମଡେଲ ବୁଥ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ କରାଯାଇଛି। ୪୦୦ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗର୍ଭବତୀ ମହିଳା, ଭିନ୍ନକ୍ଷମ ଆଦି ମାନଙ୍କୁ ମତଦାନରେ ସହାୟତା କରିବା ପାଇଁ ବ୍ୟବସ୍ଥା କରାଯାଇଛି।

# ମୁତୟନ ହେବେ ୭ କମ୍ପାନୀ କେନ୍ଦ୍ରୀୟବଳ

କେନ୍ଦୁଝର, ୨୨।୪(ଡିଏନ୍ଏ)


ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଡିଆଇଜି।

କେନ୍ଦୁଝର ଜିଲାରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ୭ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ଦାୟିତ୍ୱ ନିର୍ବାହ କରିବେ ବୋଲି କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ଓ ଡିଆଇଜି ଜୟନାରାୟଣ ପଙ୍କଜ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ୭ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷାବଳ ମଧ୍ୟରେ ୪ କମ୍ପାନୀ ସିଆର୍‌ପିଏଫ୍, ୨ କମ୍ପାନୀ ଇଣ୍ଡୋ ତିବ୍ବତିଆନ୍ ବର୍ଡର ପୋଲିସ, ୧ ପ୍ଲାଟୁନ୍ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ରହିବେ ବୋଲି ଏସ୍‌ପି କହିଥିଲେ। ଏଥି ମଧ୍ୟରୁ କେବଳ ୪ କମ୍ପାନୀ ସିଆର୍‌ପିଏଫ୍ ଘଷିପୁରା ନିର୍ବାଚନ ମଣ୍ଡଳୀରେ ନିୟୋଜିତ ହେବେ। ଜିଲ୍ଲାର ୬ଟି ନିର୍ବାଚନ ମଣ୍ଡଳୀରେ ୧୭୨୦ ବୁଥ୍ କରାଯାଇଥିବାବେଳେ ଏଥିମଧ୍ୟରୁ ୭୨୬ଟି ବୁଥ୍ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ୫୦୫ଟି ଭୋଟ ଗ୍ରହଣ କେନ୍ଦ୍ରରେ ସିସିଟିଭି ଏବଂ ୱେବ୍ କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ୬ଟି ଯାକ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଘଷିପୁରା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୨୪୭ଟି ବୁଥ୍ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଥିବାବେଳେ ୫୮ଟି ବୁଥ୍‌ରେ ସିଆର୍‌ପିଏଫ୍,୩୯ଟି ବୁଥରେ ମାଇକ୍ରୋ ଅବଜରଭର,୫୧ଟିରେ ବୁଥ୍‌ରେ ସିସିଟିଭି କ୍ୟାମେରା,୧୪୨ଟି ବୁଥରେ ୱେବ୍ କାଷ୍ଟିଂ,୧୫ଟି ବୁଥରେ ଭିଡିଓଗ୍ରାଫି କରାଯିବ। ତେଲକୋଇ ନିର୍ବାଚନ ମଣ୍ଡଳୀର ୩୨୧ଟି ବୁଥ୍ ମଧ୍ୟରୁ ୭୯ଟି ବୁଥ୍ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇ ୨୪ଟି ବୁଥରେ ମାଇକ୍ରୋ ଅବଜରଭର,୩୬ଟି ବୁଥରେ ସିସିଟିଭି,୫ଟି ବୁଥରେ ୱେବ୍ କାଷ୍ଟିଂ ଓ ୧୪ଟି ବୁଥରେ ଭିଡିଓଗ୍ରାଫି କରାଯିବ ବୋଲି ସୂଚନା ଦିଆଯାଇଛି। ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୨୯୧ଟି ବୁଥ୍ ହୋଇଥିବାବେଳେ ସେଥିମଧ୍ୟରୁ ୧୩୨ଟି ବୁଥ୍‌କୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇ ୨୮ଟି ବୁଥରେ ସିଆର୍‌ପିଏଫ୍, ୩୧ଟି ବୁଥରେ ମାଇକ୍ରୋ ଅବଜରଭର,୨୬ଟି ବୁଥରେ ସିସିଟିଭି, ୬୧ଟି ବୁଥ୍‌ରେ ୱେବକାଷ୍ଟିଂ ଓ ୧୦ଟି ବୁଥରେ ଭିଡିଓଗ୍ରାଫି କରାଯିବ ବୋଲି ଜଣାପଡିଛି।

ପାଟଣା ନିର୍ବାଚନ ମଣ୍ଡଳୀରେ ୨୭୩ଟି ବୁଥ୍ ମଧ୍ୟରୁ ୫୩ଟି ବୁଥ୍ ସମ୍ବେଦନଶୀଳ ଥିବାବେଳେ ୧୨ଟିରେ ମାଇକ୍ରୋ ଅବଜରଭର,୨୩ଟିରେ ସିସିଟିଭି,୧୦ଟିରେ ଭିଡିଓଗ୍ରାଫି ଓ ୮ଟିରେ ଷ୍ଟିଲ୍ ଫଟୋଗ୍ରାଫି କରାଯିବ ବୋଲି ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ୨୮୩ଟି ବୁଥ୍ ମଧ୍ୟରୁ ୮୨ ବୁଥ୍‌କୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ୩ଟିରେ ସିଆର୍‌ପିଏଫ୍, ୬ଟିରେ ମାଇକ୍ରୋ ଅବଜରଭର,୨୯ଟିରେ ସିସିଟିଭି,୪୩ଟି ବୁଥ୍‌ରେ ୱେବକାଷ୍ଟିଂ ଓ ୪ଟି ବୁଥରେ ଭିଡିଓଗ୍ରାଫି କରାଯିବ ବୋଲି ସୂଚନା ମିଳିଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ୨୫୨ଟି ବୁଥ୍ ହୋଇଥିବାବେଳେ ୧୩୩ଟି ବୁଥ୍ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୧୮ଟିରେ ସିଆର୍‌ପିଏଫ୍,୩୦ଟିରେ ମାଇକ୍ରୋ ଅବଜରଭର,୧୮ଟିରେ ସିସିଟିଭି,୭୧ଟିରେ ୱେବକାଷ୍ଟିଂ ଓ ୧୨ଟିରେ ଭିଡିଓଗ୍ରାଫି କରାଯିବ ବୋଲି ଜିଲାପାଳ ତଥା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

# କଂଗ୍ରେସ ଓ ବିଜେଡିର ୮ ସମର୍ଥକ ଗିରଫ

## ଏସଡିପିଓ ଅଫିସ ଘେରାଉ

ଆନନ୍ଦପୁର,୨୨।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନମଣ୍ଡଳୀରେ ରବିବାର ସନ୍ଧ୍ୟାରେ ଘଟିଥିବା ନିର୍ବାଚନୀ ହିଂସା ଘଟଣାରେ ରାମଚନ୍ଦ୍ରପୁର ଥାନା ପୋଲିସ ଉଭୟ ଗୋଷ୍ଠୀର ୮ ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶିଘ୍ର ଗିରଫ କରାଯିବ ବୋଲି ଥାନା ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ଗଣ୍ଡଗୋଳରେ ଉଭୟ କଂଗ୍ରେସ ଓ ବିଜେଡି ସମର୍ଥକ ସାମିଲ ଥିବା ପୋଲିସ କହିଛି। ଉଭୟ ପକ୍ଷରୁ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି।

କଂଗ୍ରେସ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଭିତ୍ତି କରି ପୋଲିସ ଅନିଲ୍ ମହାକୁଡ, ଦୀପକ ବିଶ୍ୱାଳ, ରାଜେଶ କୁମାର ମୁଖୀ, ହରମେନ୍ ସେଠୀକୁ ଗିରଫ କରଥିବା ବେଳେ ବିଜେଡି ପକ୍ଷରୁ ହୋଇଥିବା ଅଭିଯୋଗ ଭିତ୍ତିରେ ତ୍ରିନାଥ ରଣା, ଅରୁଣ କୁମାର ସିଂହ, ସେକ୍ ସୁରଜ୍ ଏବଂ ଅରୁଣ ପ୍ରତିମ ରଣାଙ୍କୁ ଗିରଫ କରିଛି। ଏହି ନିର୍ବାଚନୀ ହିଂସା ଘଟଣାକୁ ନେଇ ଘସିପୁରା ନିର୍ବାଚନମଣ୍ଡଳୀରେ ଚାପା ଉତ୍ତେଜନା ଲାଗିରହିଛି। ସମ୍ବେଦନଶୀଳ ଅଞ୍ଚଳରେ ୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି।

**ଘସିପୁରା ନିର୍ବାଚନୀ ହିଂସା**

ପୋଲିସ ସୂଚନା ଅନୁଯାୟୀ, ଘସିପୁରା ନିର୍ବାଚନମଣ୍ଡଳୀ ରାମଚନ୍ଦ୍ରପୁର ଥାନା ଭଣ୍ଡାରିପଡା ଛକ ଠାରେ ରବିବାର ସନ୍ଧ୍ୟାରେ ଉଭୟ କଂଗ୍ରେସ ଓ ବିଜେଡି କର୍ମୀ ମୁହାଁମୁହିଁ ହେବାରୁ ହିଂସା ଘଟିଥିଲା। ଏହି ଘଟଣାରେ ୧୫ ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜଣେ ପର୍ଯ୍ୟବେକ୍ଷକ ମଧ୍ୟ ଆହତ ହୋଇଥିଲେ।



କଂଗ୍ରେସ କର୍ମୀଙ୍କ ଏସ୍‌ଡିପିଓ ଅଫିସ୍ ଘେରାଉ।

ରବିବାର ସନ୍ଧ୍ୟା ନିର୍ବାଚନୀ ହିଂସା ଘଟଣା ପରେ କଂଗ୍ରେସ କର୍ମୀମାନେ ସୋମବାର ସନ୍ଧ୍ୟାରେ ଆନନ୍ଦପୁର ଏସଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରି ନିର୍ବାଚନୀ ହିଂସାରେ ବିଜେଡି ନେତାମାନଙ୍କ ସଂପୃକ୍ତି ଥିବା ଅଭିଯୋଗ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରତିକାନ୍ତ ରାଉତଙ୍କ ନେତୃତ୍ୱରେ ଦଳୀୟ ସମର୍ଥକମାନେ ଘସିପୁରା ନିର୍ବାଚନମଣ୍ଡଳୀରେ ନିରପେକ୍ଷ ନିର୍ବାଚନ ନିବାଚନ ନେଇ ପ୍ରଶ୍ନ ଉଠାଇଥିଲେ। ଆନନ୍ଦପୁର ଏସଡିପିଓ ଅନୁପସ୍ଥିତ ଥିବାରୁ ଘସିପୁରା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତଶ୍ରୁତି ଦେବାରୁ କଂଗ୍ରେସ କର୍ମୀମାନେ ଘେରାଉରୁ ଓହରି ଥିଲେ।

## ହିଂସା ପଛରେ ପ୍ରରୋଚନା ରହିଛି- ବିଜେଡି

ଜିଲାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ସରିବା ପରେ ରବିବାର ସନ୍ଧ୍ୟାରେ ଘଟିଥିବା ହିଂସା ଘଟଣାକୁ ନେଇ ଉଭୟ କଂଗ୍ରେସ ଓ ବିଜେଡି ପରସ୍ପରକୁ ଦୋଷାରୋପ କରିବାରେ ଲାଗିଛନ୍ତି। ସୋମବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ବିଜେଡି ଉପସଭାପତି ଆଶିଷ କୁମାର ଚକ୍ରବର୍ତ୍ତୀ , ଜିଲା ବିଜେଡି ସଭାପତି ବିଦ୍ୟାଧର ବିଶ୍ୱାଳ, ବରିଷ୍ଠ ନେତା କାନନ ବିହାରୀ ପହି ପ୍ରମୁଖ ରବିବାର ସନ୍ଧ୍ୟାରେ ଘଟିଥିବା ହିଂସା ଘଟଣାକୁ ଦୃଢ ନିନ୍ଦା କରଛନ୍ତି। କଂଗ୍ରେସର ୨ ଜଣ ନେତାଙ୍କ ପ୍ରରୋଚନାରେ ସେମାନଙ୍କ ସମର୍ଥକମାନେ ଏଭଳି ହିଂସା ଭିଆଇଥିବା ବିଜେଡି ନେତୃବୃନ୍ଦ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ଗତ ୪ରୁ ୫ ଦିନ ହେବ ଘସିପୁରା ନିର୍ବାଚନମଣ୍ଡଳୀରେ କେତେକ ଯୁବକ ସନ୍ଦେହଜନକ ଭାବେ ଘୁରିବୁଲୁଥିବା ନେଇ ବିଜେଡି ବିଧାୟକ ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କାହିଁକି ଆଗୁଆ ପଦକ୍ଷେପ ନିଆଗଲା ନାହିଁ ବୋଲି ରାଜ୍ୟ ବିଜେଡି ଉପସଭାପତି ଚକ୍ରବର୍ତ୍ତୀ ପ୍ରଶ୍ନ କରିଥିଲେ। ଏଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବା ସକାଶେ ସେମାନେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବା କହିଥିଲେ।


ଭାଜପା ସଭାରେ ନେତାମାନେ।

# ବିଜୟ ସଂକଳ୍ପ ନିର୍ବାଚନୀ ସଭା

ବନ୍ତ, ୨୨।୪ (ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ସରମରାଠାରେ ରବିବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଓଡଙ୍ଗ ସରପଞ୍ଚ କିଶୋର କିଙ୍କର ପଡିଆରୀ ସଭାପତିତ୍ୱ କରିଥିଲେ। ଭାଜପା ଜିଲା ସଭାପତି ତଥା ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ଧଳ ଏଥିରେ ଯୋଗଦେଇ ଦୁର୍ନୀତି ଭ୍ରଷ୍ଟାଚାର ବିରୋଧରେ ଭାଜପା ଲଢ଼େଇ ଜାରି ରଖିଛି ବୋଲି କହିଥିଲେ। ଭାଜପା ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ କହିଥିଲେ, ଓଡ଼ିଶାରେ ଭୋଟର ପରିବର୍ତ୍ତନ ଚାହୁଁଛନ୍ତି। ଦେଶରେ ଦୃଢ଼ ସରକାର ପାଇଁ ଭାଜପା ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ କୁମାର ଜେନା, ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା, ପ୍ରାକ୍ତନ ଜିଲା ପରିଷଦ ସଭ୍ୟା ରୀନା ସିଂ, ଜୋନ ସଭାନେତ୍ରୀ ପଙ୍କଜିନୀ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ସଭା ପରିଚାଳନାରେ ରଙ୍ଗାଧର ନାୟକ, ନରେଶ ଜେନା, ଜିତୁ ଜେନା, କ୍ଷୀରୋଦ ଜେନା, ସତ୍ୟବ୍ରତ ରାଉତ, ଟୁନୁ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ସବୁ ବୁଥରେ ପହଞ୍ଚିଲେ ପୋଲିଂ କର୍ମଚାରୀ

କେନ୍ଦୁଝର, ୨୨।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଛି। ପୂର୍ବ ନିର୍ବାଚନ ଅପେକ୍ଷା ଚଳତି ନିର୍ବାଚନରେ କଡା ଟକ୍କର ଦେଖିବାକୁ ମିଳିଛି। ଗତ କିଛି ଦିନ ଧରି ଚାଲିଥିବା ଘମାଘୋଟ ପ୍ରଚାର ରବିବାର ସନ୍ଧ୍ୟାରେ ଶେଷ ହେବା ପରେ ସୋମବାର ନୀରବତା ଛାଇ ଯାଇଛି। କେତେକ ସ୍ଥାନରେ ନିର୍ବାଚନୀ ହିଂସା ଘଟିଥିବାରୁ ଭୋଟ ଗ୍ରହଣ ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୋଲିସ ଓ ପ୍ରଶାସନ ତତ୍ପର ହୋଇ ଉଠିଛି। ସୋମବାର ସୁଦ୍ଧା ସବୁ ବୁଥ୍‌ରେ ନିର୍ବାଚନ କର୍ମଚାରୀ ପହଞ୍ଚି ସାରିଥିବା ସୂଚନା ମିଳିଛି।

ଖଣି ଖାଦାନ ଭରା ଏହି ଜିଲାରେ ବିଭିନ୍ନ ସମସ୍ୟାର ସମାଧାନ ସାଙ୍ଗକୁ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ବିଭିନ୍ନ ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ ବିଭିନ୍ନ ମନଲୋଭା ପ୍ରତିଶ୍ରୁତି ରଖାଯାଇଛି। ତିନି ପ୍ରମୁଖ ଦଳ ସବୁ ଆସନରେ ପରସ୍ପରକୁ କଡ଼ା ଟକ୍କର ଦେଥିବା ବେଳେ ଅନ୍ୟପ୍ରାର୍ଥୀମାନେ ମଧ୍ୟ ପଛରେ ନାହାନ୍ତି। ଏଥର କାହା ସପକ୍ଷରେ ଜନମତ ଯିବ ସେ ନେଇ ନାନା କଳ୍ପନା ଜଳ୍ପନା ଜାରି ରହିଛି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜିଲାକୁ ତୋଫାନୀ ଗସ୍ତ କରି ବିଭିନ୍ନ ସ୍ଥାନରେ ନିର୍ବାଚନ ସଭା କରି ଦଳର ପ୍ରାର୍ଥୀଙ୍କ ପାଇଁ ଭୋଟ ପ୍ରଚାର କରିଥିବା ବେଳେ ଭାଜପାର ତୁଙ୍ଗ ନେତାଙ୍କ ମଧ୍ୟରେ ରାଷ୍ଟ୍ରୀୟ ସଭାପତି ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନିତିନ ଗଡକରୀ ପ୍ରମୁଖ ପ୍ରଚାର କରି ଫେରିଯାଇଛନ୍ତି। ଏଥର ଅଧିକାଂଶ ଦଳରେ ଅଧିକ ନୂଆ ମୁହଁ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ମହିଳା କାର୍ଡ ଖେଳିବା ଗୟଣା ରାଜନୈତିକ ବାତାବରଣକୁ ଉଷ୍ମ କରିଛି। ବିକାଶ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟର ଅବହେଳା, ଓ ବିଭିନ୍ନ ଦୁର୍ନୀତି ପ୍ରସଙ୍ଗ ଏଥର ନିର୍ବାଚନ ପ୍ରଚାରକୁ ସରଗରମ କରିଛି। ଏଠାରେ ଖଣି ଓ ଶିଳ୍ପ ବନ୍ଦ ହେବା ଯୋଗୁଁ ଯୁବଗୋଷ୍ଠୀ ବେରୋଜଗାର ହେବା ଭଳି ସମସ୍ୟା ମଧ୍ୟ ଚର୍ଚ୍ଚାକୁଆସିଛି ବୋଲି ସାମାଜିକ କର୍ମୀ ବୀରବର ନାୟକ କହିଛନ୍ତି। ଜିଲାର ପୁରାତନ ଜନଜାତଙ୍କ ବିକାଶ ଏଯାଏ ହୋଇପାରି ନ ଥିବା ମଧ୍ୟ ନିର୍ବାଚନରେ ପ୍ରସଙ୍ଗ ହୋଇଛି। ଏପରିସ୍ଥଳେ ମେଗା ଇସ୍ପାତ କାରଖାନା, ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବା ଭଳି ବିଭିନ୍ନ ଦଳ ବହୁପ୍ରତିଶ୍ରୁତି ଦେଇ ପ୍ରଚାର ଶେଷ କିଛନ୍ତି। ସେହିପରି ଚାଷୀଙ୍କ ବିକାଶ ଓ ଜଳସେଚନ ପ୍ରସଙ୍ଗ ଚର୍ଚ୍ଚାରେ ରହିଥିବା ଚାଷୀ ନେତା ନବ ନିର୍ମାଣ କୃଷକ ସଂଗଠନର ନେତା ଲକ୍ଷ୍ମୀଧର ପ୍ରଧାନ କହିଛନ୍ତି। ଏସବୁ ସମସ୍ୟା ଓ ରାଜନୈତିକ ଦଳର ପ୍ରତିଶ୍ରୁତିକୁ ଭୋଟରମାନେ କିଭଳି ଗ୍ରହଣ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି ବୋଲି ବୋଲ ନାଗରିକ ମଞ୍ଚର ସଂପାଦକ ହିମାଂଶୁ କୁଅଁରି କହିଛନ୍ତି।

# ଡଗରପଡ଼ାରେ ବିଜେଡିର ମିଶ୍ରଣ ପର୍ବ


ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ନୂତନ କର୍ମକର୍ତ୍ତା।

**ଖଇରା, ୨୨।୪(ଡି.ଏନ.ଏ.):** ରବିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସତ୍ତ୍ୱେ ଖଇରା ବ୍ଲକର ଡଗରପଡାରେ ବିଜେଡିର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ଅଧିକାଂଶ କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଛନ୍ତି। ସାମିଲ ହୋଇଥିବା ପ୍ରମୁଖ ବ୍ୟକ୍ତିମାନେ ହେଲେ ତୁଡିଗଡିଆ ୫ନଂ. ଜୋନର ଭାଜପାର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଦଳେଇ, ଖଇରା ୪ନଂ. ଜୋନର ମଣ୍ଡଳ ସଭାପତି ଶୁକଦେବ ପଣ୍ଡା, ସମ୍ପାଦକ ଦାଶରଥି ଦାସ, ଅଜୟ କୁମାର ରଥ, ବଳରାମ ଲେଙ୍କା, ପଦ୍ମନାଭ ମହାନ୍ତି, ରପେୟାର ଅମୂଲ୍ୟ ନାୟକ, ଅଶୋକ କୁମାର ନାୟକ, ଶଙ୍କର୍ଷଣ ବେହେରା, ସୁଦର୍ଶନ ବେହେରା, ମାୟାଧର ନାୟକ, ହୃଶିକେଶ ନାୟକ, ଅନନ୍ତ ସାହୁ, କୁରୁଣ୍ଟା ଗ୍ରାମର ବସନ୍ତ ସାହୁ, ଶ୍ରୀଧର ଦାସ, ଶଙ୍କର୍ଷଣ ନାୟକ ଓ ଅନ୍ୟମାନେ। ଏହି ମିଶ୍ରଣ ସଭାରେ ବିଜେଡି ବିଧାୟକ ପ୍ରାର୍ଥୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ବିଜୁ ଛାତ୍ର ଜନତା ସଭାପତି ମାନସ ଦାଶ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

**ବାସୁଦେବପୁର, ୨୨।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁରର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଶୋକ ଦାସ ସୋମବାର ମଧ୍ୟାହ୍ନରେ ଆରାଧଦେବୀ ଶାଶୁଭୁଆଶୁଣୀ ପୀଠରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଦଳୀୟ କର୍ମୀ ଓ ସମର୍ଥକମାନେ ପୀଠରେ ଅଶୋକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଓ ସମର୍ଥକଙ୍କ ସହ ଅଶୋକ ବାଇକ୍ ରାଲିରେ ଶାଶୁଭୁଆଶୁଣୀ ପଞ୍ଚାୟତ ପରିକ୍ରମା କରିଥିଲେ। ସେ ନିଜ ପାଇଁ ଭୋଟଭିକ୍ଷା କରିବା ସହିତ ଏମ୍‌ପି ପ୍ରାର୍ଥୀ ମଧୁମିତା ସେଠୀଙ୍କ ପାଇଁ ପ୍ରଚାର କରିଥିଲେ। ଅଶୋକଙ୍କ ସହ ଶାଶୁଭୁଆଶୁଣୀ ସରପଞ୍ଚ କୁଞ୍ଜଲତା ମଲିକ, ସମିତିସଭ୍ୟା ଜୟନ୍ତୀଲତା ମଲିକ, ଶରତ ମଲିକ, ରଷି ମଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା ପ୍ରମୁଖ ବାଇକ୍ ଶୋଭାଯାତ୍ରାରେ ଘର ଘର ବୁଲି ଭୋଟରଙ୍କୁ ଭେଟିଥିଲେ।


ଶାଶୁଭୁଆଶୁଣୀ ପୀଠଠାରେ ସମର୍ଥକଙ୍କ ସହ କଂଗ୍ରେସ ପ୍ରାର୍ଥୀ ଅଶୋକ ଦାସ।

# ଭୋଗରାଇରେ କଂଗ୍ରେସର ପ୍ରଚାର

ଭୋଗରାଇ,୨୨।୪(ଡି.ଏନ.ଏ.)

କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଭୋଗରାଇ ବ୍ଲକ ଅଧୀନ ୩୦ ଏବଂ ୩୨ ନଂ. ଜିଲାପରିଷଦ ଜୋନ ପରିକ୍ରମା କରି କଂଗ୍ରେସକୁ ଭୋଟ୍ ଦେଇ ଏକ ପରିବର୍ତ୍ତନ ଆଣିବାକୁ ସଭାସମିତିରେ ମତ ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସଙ୍କ ସମର୍ଥନରେ ବହୁ କଂଗ୍ରେସ କର୍ମୀ ଓ ନେତା ବାଇକ ରାଲି, ଶୋଭାଯାତ୍ରା, ଗାଁକୁ ଗାଁ ପ୍ରଚାର କରି ଜନ ସମର୍ଥନ ପାଇଁ ଭୋଟରଙ୍କୁ ଆକୃଷ୍ଟ କରିଥିଲେ। କଂଗ୍ରେସ ଦଳର ବହୁ ଛାମୁଆନେତା ଏଥିରେ ସାମିଲ ହୋଇଥିଲେ।

ଲୋକସଭା ପ୍ରାର୍ଥୀ ନବଜ୍ୟୋତି ଭୋଗରାଇ ନିର୍ବାଚନମଣ୍ଡଳୀର ନାଚିନ୍ଦାରେ ଏକ ରୋଡ଼ ଶୋ'ରୁ ସୋମବାର ପୂର୍ବାହ୍ନରେ ପ୍ରଚାର ଆରମ୍ଭ କରିଥିଲେ। ସେ କହିଥିଲେ ଯେ, ଗତ ୧୯ବର୍ଷରେ କୌଣସି ବି ଆଖିଦୃଶିଆ ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ। କଂଗ୍ରେସକୁ ୫ ବର୍ଷ ସୁଯୋଗ ଦିଅନ୍ତୁ। ଶିଳ୍ପ, ସ୍ୱାସ୍ଥ୍ୟ ଓ ଶିକ୍ଷାରେ ପରିବର୍ତ୍ତନ ଅଣାଯିବ ବୋଲି ସେ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ। ଛତିଶଗଡ଼ର କଂଗ୍ରେସ ସରକାର ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୨୫୦୦ ଦେଉଥିଲା ବେଳେ ଆମ ଅନ୍ନଦାତା କେବଳ ୧୭୫୦ ଟଙ୍କାରେ ସନ୍ତୁଷ୍ଟ ହେବା ପାଇଁ ପଡୁଛି। ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ଗଢ଼ିବା ଏକ ନୂତନ ବାଲେଶ୍ୱର ଜିଲା ବୋଲି ବିଧାୟକ ପ୍ରାର୍ଥୀ ସତ୍ୟଶିବ କହିଥିଲେ।


ଭୋଗରାଇରେ କଂଗ୍ରେସର ଏମ୍‌ପି ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀ ପ୍ରଚାର କରୁଛନ୍ତି।

# କଂଗ୍ରେସର ବାଇକ୍ ଶୋଭାଯାତ୍ରା


ବିଧାୟକ ପ୍ରାର୍ଥୀଙ୍କ ସହ ଶୋଭାଯାତ୍ରାରେ ସାମିଲ ଦଳୀୟ କର୍ମୀ।

**ରୂପ୍‌ସା, ୨୨।୪(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କସିପଦା, ଆଙ୍କୋ ଓ ରୂପ୍‌ସା ପଞ୍ଚାୟତରେ ସୋମବାର କଂଗ୍ରେସ ତରଫରୁ ପ୍ରଚାର କରାଯାଇଛି। ରୂପ୍‌ସା ବସ୍‌ଷ୍ଟାଣ୍ଡଠାରୁ ଏକ ବାଇକ୍ ରାଲିରେ ଶତାଧିକ କର୍ମୀ ଓ ସମର୍ଥକଙ୍କ ସହ ବିଧାୟକ ପ୍ରାର୍ଥୀ ମାନସ ଦାସପଟ୍ଟନାୟକ ପ୍ରତି ଗାଁରେ ପରିକ୍ରମା କରି ଭୋଟଭିକ୍ଷା କରିଛନ୍ତି। ଆସନ୍ତା ୨୯ତାରିଖରେ ହେବାକୁ ଥିବା ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟ୍ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ବସ୍‌ଷ୍ଟାଣ୍ଡ, କସିପଦା, ପୋଡ଼ାଡ଼ିହା, ଷ୍ଟେସନବଜାର, ଆଙ୍କୋ, ଆଘିରିଆ, ପିଣ୍ଢାବଣିଆ ଆଦି ଗାଁ ପରିକ୍ରମା କରି ଶୋଭାଯାତ୍ରା ପାଟପୁର ବଜାର ପହଞ୍ଚିଥିଲା। ଜୋନ୍ ସଭାପତି ଜୟକୃଷ୍ଣ ଗିରି, କସିପଦା ପଞ୍ଚାୟତ ସଭାପତି ମନୋରଞ୍ଜନ ନାୟକ, ସରପଞ୍ଚ ପ୍ରତାପ ଚନ୍ଦ୍ର ଦଳାଇ, ସମିତିସଭ୍ୟ ଭୀମ ବର, ପ୍ରାକ୍ତନ ସରପଞ୍ଚ ମାୟାଧର ଜେନା, ଯୁବନେତା ସହଦେବ ବେହେରା, ଅଶ୍ୱିନୀ ପ୍ରଧାନ ଓ ଜଳଧର ବେହେରା ପ୍ରମୁଖ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

## ଭୋଟ୍ ଭିକ୍ଷା କଲେ ପ୍ରାର୍ଥୀ

**ସଂକ୍ଷେପରେ**

## ଭାଜପାରେ ମିଶିଲେ ବିଜେଡି ସମର୍ଥିତ ସରପଞ୍ଚ, ସମର୍ଥକ



**ଜଳେଶ୍ୱର, ୨୨।୪(ଡି.ଏନ.ଏ.):** ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳ ମାକିଡ଼ିଆ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ବଳରାମ ବର୍ଷାଳ ଓ ତାଙ୍କ ସମର୍ଥକ ସରୋଜ ଘଡ଼େଇ, ସିପୁନ ଘଡ଼େଇ, ସୁଜିତ ଘୋଷ, ଜନାର୍ଦ୍ଦନ ଘୋଷ, ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସହିତ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ରବିବାର ସନ୍ଧ୍ୟାରେ ଜଳେଶ୍ୱରସ୍ଥିତ ମହମ୍ମଦନଗରପାଟଣା ପଞ୍ଚାୟତର ଏକ ସ୍ଥାନରେ ମିଶ୍ରଣ ସଭା କରାଯାଇଥିଲା। ଏହି ସମୟରେ ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ନବାଗତ ଯୁବନେତାମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପ୍ରଦାନ କରି ଭାଜପାକୁ ସଶକ୍ତ କରିବାପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପୀମୋହନପୁର ପଞ୍ଚାୟତର ବରିଷ୍ଠ ବିଜେଡି ନେତା ସମୀର ପାତ୍ର, ହରିଚନ୍ଦନ ଦେ, ଉଦୟନାଥ କର, ଜଗନ୍ନାଥ ଦତ୍ତ, ସୁଧାକୃଷ୍ଣ ଭୂୟାଁ, ପଶ୍ଚିମବାର୍ଡ଼ ପଞ୍ଚାୟତର ବିଜେଡି ନେତା ସୁଧୀର ପ୍ରଧାନ, ସତ୍ୟବ୍ରତ ବେହେରା ଓ ବର୍ତ୍ତନା, ଖୁଲୁଡ଼ା ପଞ୍ଚାୟତର ଅନେକ ବିଜେଡି କର୍ମୀ ଏହି ଅବସରରେ ଭାଜପାରେ ସାମିଲ ହୋଇଥିଲେ। ଶେଷରେ ସରପଞ୍ଚ ପ୍ରତିନିଧି ବିନୋଦବିହାରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମାନସିଂବଜାରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ବାଲେଶ୍ୱର ଅଫିସ,୨୨।୪:** ବାଲେଶ୍ୱର ଜିଲା ମାନସିଂବଜାର ହରିହାଟ ପଡ଼ିଆରେ ସୋମବାର କାଉନସିଲର ସ୍ୱରୂପ ଦାସଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ସେ ହଜାର ହଜାର ଗ୍ରାମବାସୀଙ୍କୁ ଉଦ୍‌ବୋଧନ ଦେଇ ଗରିବ ଲୋକଙ୍କ ପାଇଁ ନବୀନ ବାବୁଙ୍କ ବିଭିନ୍ନ ଯୋଜନା ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ବୈଠକରେ ବିଧାୟକ ସଦର ବିଧାୟକ ପ୍ରାର୍ଥୀ ଜୀବନ ପ୍ରଦୀପ ଦାସ ଯୋଗ ଦେଇଥିଲେ। ସଭାରେ ହିନ୍ଦ ମଜଦୁର ସଭାର ସଭାପତି ତଥା ଶ୍ରମିକ ନେତା ଅରୁଣ ସ୍ୱାଇଁ, ଗୌରୀଶଙ୍କର ସାହାଣୀ, ସରୋଜ କୁମାର ଚାନ୍ଦ, କମଳାକାନ୍ତ ଆଚାର୍ଯ୍ୟ, ସନ୍ତେ ଦାସ, କୃଷ୍ଣକର ନାୟକ ଏବଂ ଗ୍ରାମର ଶତାଧିକ ମହିଳା, ଯୁବକ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ୪ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୨୨।୪(ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଔପଦା ଥାନାର ବିଭିନ୍ନ ସ୍ଥାନରେ ସୋମବାର ଚଢ଼ାଉ କରାଯାଇ ୪ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ଜଣେ ଫେରାର ହୋଇଯାଇଛନ୍ତି। ସେମାନଙ୍କଠାରୁ ସମୁଦାୟ ୨୧୭ଲିଟର ଦେଶୀ ରନ୍ଧା ମହୁଲି ମଦ, ୯୦୦କିଲୋ ପୋଚ ଓ ରନ୍ଧା ସରଞ୍ଜାମ ଜବତ ହୋଇଛି। ଏନେଇ ବିଭାଗରେ ମାମଲା (ନଂ. ୨୨/୧୯, ୬/୧୯, ୧୫/୧୯, ୧୬/୧୯ ଓ ୧୭/୧୯) ରୁଜୁ କରାଯାଇଛି। ଅବକାରୀ ବିଭାଗ ଗିରଫ ବେପାରୀଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିଛି। ସେ ହେଲେ ନରସିଂହ ସିଲା ଗାଁର ଲାଦୁଗୁ ସିଂ, ମଡ଼ିଚୂଆ ଗାଁର ଗଣ୍ଡା ହୋ, ମାଝିସାହି ଗାଁର ବୁଦ୍ଧଦେବ ରାଉତ, ବେତେଇ ଗାଁର ବାସନ୍ତି ମୁଣ୍ଡା ଓ ଫେରାର ଅଭିଯୁକ୍ତ ହେଲେ ସେହି ଗାଁର ମନସିଂ ମୁଣ୍ଡା। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶରେ ଡେପୁଟି ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ଜିଲା ଭ୍ରାମ୍ୟମାଣ ନିରୀକ୍ଷକ ଉଦେଲାଲ ନାୟକ, ସ୍ଥାନୀୟ ନିରୀକ୍ଷକ ସିଦ୍ଧେଶ୍ୱର ବେଶ୍ରା, ଉପ-ନିରୀକ୍ଷକ ଲକ୍ଷେସାଧବ ପ୍ରଧାନ, ସୋରୋର କୁଳମଣି ମହାରଣା ସମେତ ଅବକାରୀ ଟିମ୍ ଚଢ଼ାଉରେ ସାମିଲ ଥିଲେ।

# ଆରମ୍ଭ ହେଲା ଗ୍ରୀଷ୍ମକାଳୀନ ଚିତ୍ରକଳା କର୍ମଶାଳା

## ଚିତ୍ରକଳାର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ନେବେ ଛାତ୍ରୀଛାତ୍ର

**ବାଲେଶ୍ୱର ଅଫିସ, ୨୨।୪**

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ଇନ୍‌ଟାକ୍ ବାଲେଶ୍ୱର ଚ୍ୟାପଟର ଓ ଫକୀରମୋହନ ଆର୍ଟ ଆଣ୍ଡ ମ୍ୟୁଜିକ ସ୍କୁଲ ମିଳିତ ଉଦ୍ୟମରେ କଳାକ୍ଷେତ୍ରଠାରେ ରବିବାର ଗ୍ରୀଷ୍ମକାଳୀନ ଚିତ୍ରକଳା କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫକୀରମୋହନ ମହାବିଦ୍ୟାଳୟ ବଟାନୀ ବିଭାଗର ଅଧ୍ୟାପକ ପ୍ରଫେସର ରାଜେଶ ରାଉତ ଯୋଗଦେଇ ଚିତ୍ରକଳା ଛାତ୍ରୀଛାତ୍ରମାନଙ୍କର ଏକ ଉତ୍ସାହର ଉତ୍ସ ଅଟେ। ବିଭିନ୍ନ ବିଦ୍ୟାଳୟରେ ଚିତ୍ରକଳାର ସମସ୍ତ ଦିଗ ଉପରେ ଶିକ୍ଷା ଦିଆଯାଏନାହିଁ। ଏହାକୁ ନଜରରେ ରଖି ଏହି କର୍ମଶାଳାରେ ସମସ୍ତ ବିଷୟ ଗ୍ଲାସ ପେଣ୍ଟିଂ, ମେହେନ୍ଦି, କୋଲାଜ ଚିତ୍ର, ଟେରାକୋଟା, ପଟ୍ଟଚିତ୍ର, ଫୁଲ ତିଆରି, ପେନ୍‌ଷ୍ଟାଣ୍ଡ, ଆଦିବାସୀ ଚିତ୍ର ଆଦି ଶିକ୍ଷା ଦିଆଯାଉଛି। ଡ. ଦେବାଶିଷ ମିଶ୍ର, ମହେଶ୍ୱର ନାୟକ, ଗୌରୀଶଙ୍କର ନାୟକ, ସୁଧାଂଶୁ ଶେଖର ଯେନା,



ଗ୍ରୀଷ୍ମକାଳୀନ ଚିତ୍ରକଳା କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ଅଧ୍ୟକ୍ଷ ନିକୁଞ୍ଜ ବିହାରି ଦାସ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କର୍ମଶାଳା ପ୍ରତିଦିନ ପୂର୍ବାହ୍ନ ୬ଟାରୁ ୮ଟା ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରତିବର୍ଷ ଭଳି ବିଭିନ୍ନ ବିଭାଗରେ ଯୋଗଦାନ କରି ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନଙ୍କର ଏକ ପ୍ରତିଯୋଗିତା କରାଯାଇ ୨୮ ତାରିଖରେ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ।

ଚିତ୍ରକଳା ଶିକ୍ଷା ଏକ ଅର୍ନ୍ତନିହିତ ଚିନ୍ତାଧାରାର ପରିପ୍ରକାଶ। ଯେଉଁ ଛାତ୍ରୀଛାତ୍ରମାନେ ଚିତ୍ରକଳା ପ୍ରତି ଆଗ୍ରହ ଦେଖାଇଥାନ୍ତି, ସେମାନେ ଚିତ୍ରକଳାକୁ ପରବର୍ତ୍ତୀ ସମୟରେ ପେଶା ଭାବରେ ଗ୍ରହଣ କରନ୍ତି। ଉକ୍ତ ପେଶା ଭବିଷ୍ୟତରେ ପ୍ରସିଦ୍ଧ ଚିତ୍ରଶିଳ୍ପୀ ଭାବରେ ପ୍ରତିଷ୍ଠା ପ୍ରଦାନ କରେ। ସାଧାରଣତଃ ଗ୍ରୀଷ୍ମ ଛୁଟିରେ ପିଲାମାନେ ଅଧିକ ଦିନ ଛୁଟି ପାଇଥାନ୍ତି। ତାଙ୍କର ଏହି ଛୁଟିକୁ ଉପଯୋଗ କରିବାର ମାଧ୍ୟମ ଭାବରେ ଚିତ୍ରକଳାର କର୍ମଶାଳା ସହଯୋଗ କରିଥାଏ। ପିଲାମାନେ ଘରେ ନିଜର ସମୟକୁ ଅପବ୍ୟବହାର ନ କରି କଣ୍ଢେଇ ତିଆରି, ପଟ୍ଟଚିତ୍ର, ଗ୍ଲାସ ଚିତ୍ର ଆଦି କରିବାରେ ସମୟକୁ ଅତିବାହିତ କରିଥାନ୍ତି। ଚଳିତବର୍ଷ ଉକ୍ତ କର୍ମଶାଳାରେ ୨୬ଜଣ ଛାତ୍ରୀଛାତ୍ର ଯୋଗଦାନ କରି ବିଭିନ୍ନ ବିଭାଗରେ ଶିକ୍ଷା ଗ୍ରହଣ କରୁଛନ୍ତି। ଦୈତାରୀ ବେହେରା, ରଙ୍କନିଧି ସୁତାର, କିଶୋର ନାୟକ, ନିଲିମା ଦାସ, ପାୟଲ ସାହୁ, ମିଳମୟି ପଣ୍ଡା, ମୋନାଲି ପ୍ରଧାନ, ଭାରତୀ ପ୍ରଧାନ, ଶ୍ରୀକୃଷ୍ଣ ପାତ୍ର, ସୌରଭ ନାୟକ, ଭକ୍ତିଲତା ବାରିକ, ରସନକ କାଦ୍ରି, ସରିଫୁନ କାଦ୍ରି ପ୍ରମୁଖ ଅଧ୍ୟାପକମାନେ ଶିକ୍ଷାଦାନ କରୁଛନ୍ତି। ସୁଜିତ କୁମାର ଦାସ ଏହାକୁ ପରିଚାଳନା କରୁଛନ୍ତି। ଇନ୍‌ଟାକ୍ ବାଲେଶ୍ୱର ଚାପ୍ଟର ଚିତ୍ରକଳାକୁ ପ୍ରୋତ୍ସାହନ କରିବା ପାଇଁ ସହଯୋଗର ହାତ ବଢ଼ାଇଛି।



ଅମ୍ବିକା ମନ୍ଦିର ପରିସରରେ ଆୟୋଜିତ ସାହିତ୍ୟ ଆସର।

## ମା' ଅମ୍ବିକା ସାହିତ୍ୟ ସଂସଦର ବିଷୁବ ଆସର

**ଖଇରା, ୨୨।୪(ଡି.ଏନ.ଏ.)**

ମା' ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଷୁବ କବିତା ଆସର ରବିବାର କୁପାରୀ ଅମ୍ବିକା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବସନ୍ତ କୁମାର ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷକ ଅନନ୍ତ କିଶୋର ଉପାଧ୍ୟାୟ ଯୋଗଦେଇଥିଲେ। ଓଡ଼ିଶା ପରମ୍ପରାରେ ବିଷୁବ ସଂକ୍ରାନ୍ତି ଓ ବୈଶାଖ ମାସ ପ୍ରତ୍ୟେକ ଓଡ଼ିଆ ପାଇଁ ସ୍ୱତନ୍ତ୍ରତା ରଖେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ।

ବାବା ଶୁଭେନ୍ଦ୍ର ମୁନି ଉଦାସୀନ ଏହାକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଡା. ଉମେଶ ଚନ୍ଦ୍ର ମହାନ୍ତି ବିବରଣୀ ପାଠ କରିଥିଲେ। ଜଗନ୍ନାଥ ମହାପାତ୍ର କବିତାର ସମୀକ୍ଷା କରିଥିଲେ। ମହେଶ୍ୱର ମହାପାତ୍ର, ନିରଞ୍ଜନ ଦାସ, ଶରତ କୁମାର ଜେନା, ଅର୍ଜୁନ ଚରଣ ମହାରଣା, ଶଶାଙ୍କ ଶେଖର ମହାନ୍ତି ସହଯୋଗ କରିଥିଲେ।

## ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ

### ଫାଣ୍ଡିରେ ପୃଥକ୍ ଅଭିଯୋଗ

**ବାହାନଗା, ୨୨।୪(ଡି.ଏନ.ଏ.)**

ପୂର୍ବଶତ୍ରୁତାକୁ ନେଇ ଗଣ୍ଡଗୋଳ ଘଟିଛି। ଏନେଇ ଗୋପାଳପୁର ଫାଣ୍ଡିରେ ପୃଥକ ଭାବେ ଦୁଇଟି ଅଭିଯୋଗ ପରେ ମାମଲା ରୁଜୁ ହୋଇଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅରୁହାବାଡ଼ ଗ୍ରାମରେ। ଗ୍ରାମର ବୈଷ୍ଣବ ମାଝିଙ୍କ ପୁଅ ରୋହିତଙ୍କ ସହିତ ତାଙ୍କ ସମ୍ପର୍କୀୟ ଭାଇ ଲିଲୁ ମାଝିଙ୍କ ଜମିବାଡ଼ି ନେଇ ପୂର୍ବରୁ ବିବାଦ ଲାଗି ରହିଥିଲା। ସେହି ଘଟଣା ନେଇ ଲିଲୁ ସୋମବାର ରୋହିତଙ୍କୁ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ।

ରୋହିତ୍ ଏକ ମଟରସାଇକେଲ ଯୋଗେ ଘରୁ ଗାଁକୁ ଯାଉଥିବା ବେଳେ ଲିଲୁ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହିତ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିବା ରୋହିତ୍ ଅଭିଯୋଗ କରିଛନ୍ତି। ସେହିପରି ଲିଲୁଙ୍କ ପତ୍ନୀ ସୁକାନ୍ତୀ ଅନୁରୂପ ଭାବେ ତାଙ୍କ ସ୍ୱାମୀକୁ ରୋହିତ୍ ମାଡ଼ ମାରି ଖଣ୍ଡିଆଖାବରା କରିବା ସହ ସହିତ ଜୀବନରୁ ମାରି ଦେବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ଦୁଇଟି ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ କରିବା ସହିତ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ କହିଛନ୍ତି, ଉଭୟ ମଦ୍ୟପାନ କରି ଯୁକ୍ତିତର୍କ କରିବା ସହିତ ଗଣ୍ଡଗୋଳ ଲାଗିଥିଲେ। ଉଭୟଙ୍କ ଅଭିଯୋଗକୁ ଭିତ୍ତି କରି ୨ଟି ମାମଲା ରୁଜୁ ହୋଇଛି।



ବିଭିନ୍ନ ପ୍ରତିଯୋଗିତାରେ ପାଇଥିବା ଟ୍ରଫି ସହ ବାଲେଶ୍ୱର ବ୍ୟାଡ୍‌ମିଣ୍ଟନ କ୍ଲବର ସଦସ୍ୟ ଓ ଖେଳାଳି।

## ସଫଳ ବ୍ୟାଡ୍‌ମିଣ୍ଟନ ଖେଳାଳି ସମ୍ମାନିତ

**ବାଲେଶ୍ୱର ଅଫିସ,୨୨।୪**

ବାଲେଶ୍ୱର ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ରାଜ୍ୟ ଓ ରାଜ୍ୟ ବାହାରେ ଆୟୋଜିତ ହେଉଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ବାଲେଶ୍ୱର ବ୍ୟାଡ୍‌ମିଣ୍ଟନ କ୍ଲବର ଖେଳାଳିମାନଙ୍କୁ କ୍ଲବର ବରିଷ୍ଠ ସଦସ୍ୟ ବିନୟ ଶାହା, ସିଦ୍ଧାର୍ଥ ଦାସ, ଅଜୟ ଦୋଷି, ବିଶ୍ୱଜିତ ଦାସ, ସପନ ବିଶ୍ୱାଳ ପ୍ରମୁଖ ସମ୍ମାନିତ କରିଛନ୍ତି। ବାଲେଶ୍ୱର ବ୍ୟାଡ୍‌ମିଣ୍ଟନର ପ୍ରମୁଖ ଯୋଡ଼ି ଜୟପ୍ରକାଶ ଓ ରାହୁଲ ପଶ୍ଚିମବଙ୍ଗ ଓ ଓଡ଼ିଶାର ବିଭିନ୍ନ ଜିଲାରେ ଆୟୋଜିତ ୨୫ରୁ ଅଧିକ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ରବୀନ୍ଦ୍ର ପାଣିଗ୍ରାହୀ, ପୀୟୁଷ ରାଉତ, ଗୌରୀଶଙ୍କର ରଥ, ଶୁଭ୍ରାଂଶୁ ଚୌଧୁରୀ, ସନ୍ତୋଷ ସାହୁ, ସାଇ ସତ୍ୟଶ୍ରୀ ନାୟକ ପ୍ରମୁଖ ୩୦ରୁ ଅଧିକ ବିଜେତା ଓ ଉପବିଜେତା ହୋଇଥିଲେ। ଖେଳାଳିଙ୍କ ଏହି କୃତିତ୍ୱ ପାଇଁ ବାଲେଶ୍ୱରର ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷକ ଗୌରଶଙ୍କର ବିଶିଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ବ୍ୟାଡ୍‌ମିଣ୍ଟନ ଖେଳରେ ଆଗ୍ରହ ରଖୁଥିବା ଖେଳାଳିମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ କରାଯିବ ବୋଲି ବାଲେଶ୍ୱର ବ୍ୟାଡ୍‌ମିଣ୍ଟନ କ୍ଲବର ସଭାପତି ସିଦ୍ଧାର୍ଥ ଦାସ ପ୍ରତିଶ୍ରୁତି ଦେଇଛନ୍ତି।

## ବାଲିଆପାଳରେ କଂଗ୍ରେସର ପ୍ରଚାର

**ବାଲିଆପାଳ, ୨୨।୪(ଡି.ଏନ.ଏ.):** ବାଲିଆପାଳ ବ୍ଲକରେ ସୋମବାର କଂଗ୍ରେସର ବସ୍ତା ବିଧାୟକ ପ୍ରାର୍ଥୀ ବିଜନ କୁମାର ନାୟକ ଓ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ପ୍ରଚାର କରିଛନ୍ତି। ଜମ୍ବୀରାଇ, ଦେଉଳା, ଜାମକୁଣ୍ଡା, ଅସ୍ତି ଆଦି ପଞ୍ଚାୟତରେ ଦଳୀୟ କର୍ମୀମାନଙ୍କ ପକ୍ଷରୁ ପ୍ରଚାର ସାଙ୍ଗକୁ ଘରକୁ ଘର ବୁଲି ବୁଲି ଦୁଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟ ଭିକ୍ଷା କରିଛନ୍ତି। ଦଳ ପକ୍ଷରୁ ଜାମକୁଣ୍ଡା ପଞ୍ଚାୟତରେ ମୋଟରସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା। ଏହି ପ୍ରଚାରରେ ବିଧାୟକ ପ୍ରାର୍ଥୀ ବିଜନ କୁମାର ନାୟକ ବ୍ଲକ କଂଗ୍ରେସ କମିଟି ସଭାପତି ସୁରେଶ ଚନ୍ଦ୍ର ସେନାପତି ଅନ୍ୟମାନେ ସାମିଲ୍ ଥିଲେ।

## ମୃତକ ପରିବାରକୁ ମିଳିଲା ୫ଲକ୍ଷ ଟଙ୍କାର ସହାୟତା

**ଖଇରା, ୨୨।୪(ଡି.ଏନ.ଏ.)**

ଖଇରା ବ୍ଲକ ସାରଡ଼ାଙ୍ଗ ପଞ୍ଚାୟତ ଅଧୀନ ହନ୍ନବାବୀ ଗ୍ରାମର ଚାଷୀ ରଙ୍ଗଲତା ପୃଷ୍ଟିଙ୍କର ଦୁର୍ଘଟଣାରେ ମୃତ୍ୟୁ ହେବା ପରେ ଏବେ ତାଙ୍କ ପରିବାରକୁ ବୀମା ଅର୍ଥ ବାବଦରେ ବର୍ତ୍ତନା ସେବା ସମବାୟ ସମିତି ତରଫରୁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ସମିତି ସଭାପତି ଦିଲୀପ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ବ୍ୟାଙ୍କର ଖଇରା ଶାଖା ପରିଚାଳକ ସଞ୍ଜୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସେବା ସମବାୟ ସମିତି ପକ୍ଷରୁ ଚାଷୀମାନଙ୍କ ପାଇଁ ମିଳୁଥିବା ବିଭିନ୍ନ ସୁବିଧା ବିଷୟରେ କହିବା ଅବସରରେ ମାତ୍ର ୮୯ଟଙ୍କା ବାର୍ଷିକ ପ୍ରିମିୟମ ଦେଇ ଜୀବନ ବୀମା ଉପକାରିତା ନେବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଚାଷୀ ଯେଭଳି ଏଥିପ୍ରତି ଯତ୍ନବାନ ହେବେ ସେଥିଲାଗି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ବୋର୍ଡ଼ ସଭ୍ୟ ବୁଲୁ ଲେଙ୍କା, କେଶବ ଚନ୍ଦ୍ର ନାୟକ, ରବୀନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଶାଖା ପରିଚାଳକ ମହାନ୍ତି ମୃତା ଚାଷୀଙ୍କ ପୁଅ ପ୍ରଦୀପ କୁମାର ପୃଷ୍ଟିଙ୍କୁ ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।



ମୃତା ଚାଷୀଙ୍କ ପୁଅକୁ ଚେକ ପ୍ରଦାନ କରାଯାଉଛି।

ପ୍ରକାଶଥାଉ କି, ୨୦୧୮ ନଭେମ୍ବର ୨୦ତାରିଖ ପୂର୍ବାହ୍ନରେ ରଙ୍ଗଲତା ସମ୍ପର୍କୀୟଙ୍କ ଗାଡ଼ିରେ ବସି ମଳିହା-ବଟେଶ୍ୱର ରାସ୍ତାରେ ଖଇରା ଡାକ୍ତରଖାନାକୁ ଯାଉଥିବା ବେଳେ ତେଲଦିଆ ଗ୍ରାମ ନିକଟରେ ଖସିପଡ଼ିବାରୁ ଘଟଣାସ୍ଥଳରେ ଗୁରୁତର ହୋଇପଡ଼ିଥିଲେ। ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା।

## ଝଡ଼ବର୍ଷା ଧୋଇନେଲା ଉଡ଼ାପର୍ବ

**ଔପଦା, ୨୨।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ନିକଟସ୍ଥ ନରମା ଗ୍ରାମ ଦେବୀ ବାସୁଳୀ ପୀଠରେ ପାଳିତ ହେଉଥିବା ଉଡ଼ାପର୍ବ ରବିବାର ସନ୍ଧ୍ୟାରେ କାଳବୈଶାଖୀ ଝଡ଼ବର୍ଷା ଏକପ୍ରକାର ଫିକା ପଡ଼ି ଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ବହୁ ବିଳମ୍ବରେ ରାତି ୮ଟାରେ ଆରମ୍ଭ ହୋଇଥିଲା। ସେତେବେଳକୁ ସବୁ ଛୋଟବଡ଼ ଉଠାଦୋକାନୀ ଓ ଖୁବ୍ କମ୍ ସଂଖ୍ୟକ ଲୋକେ ଉପସ୍ଥିତ ଥିଲେ। ତଥାପି ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପାରମ୍ପରିକ ଭାବେ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୭ଜଣ ପାଟୁଆ ଉଡ଼ା ଖମ୍ବରୁ ବାହାଲରେ ଉଡ଼ିଥିଲେ। ଆତସବାଜି, ବାଣ, ରୋଷଣୀ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ପାଟୁଆମାନେ ଦେବୀଙ୍କ ସ୍ତୁତି ବନ୍ଦନା କରି ଉଡ଼ିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଗ୍ରାମ କମିଟି ତରଫରୁ ହରିହର କର, ବିଷ୍ଣୁମୋହନ ଦଳେଇ, ଭାଗବତ ସେଠୀ ପ୍ରମୁଖ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କର୍କଟରେ ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ

**ବାହାନଗା, ୨୨।୪(ଡି.ଏନ.ଏ.)**

ବାହାନଗା ବ୍ଲକ କଲ୍ୟାଣି ପଞ୍ଚାୟତର ଅରଳା ଗ୍ରାମର ଜଣେ ମହିଳା କର୍କଟ ରୋଗରେ ଆକ୍ରାନ୍ତ ହେବା ପରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗ୍ରାମର ହୃଷିକେଶ ଦାସଙ୍କ ପତ୍ନୀ ଉଷାମଣି(୫୦) ଦୀର୍ଘଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ମାତ୍ର ସୋମବାର ହଠାତ୍ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସ୍ୱାମୀ ହୃଷୀକେଶ ଜଣେ ଦାସକାଠିଆ କଳାକାର ଅଟନ୍ତି।

## ସାମାଜିକ କର୍ମୀଙ୍କ ବିୟୋଗରେ ସ୍ମୃତିସଭା

**ବାଲିଆପାଳ, ୨୨।୪(ସ୍ୱ.ପ୍ର.)**

ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ବରିଷ୍ଠ ସଦସ୍ୟ ତଥା ସାମାଜିକ କର୍ମୀ ପଦ୍ମଲୋଚନ ପିଲାଙ୍କ ବିୟୋଗରେ ପରିଷଦ କାର୍ଯ୍ୟାଳୟରେ ସୋମବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।

ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ ଅଧକ୍ଷତା କରିଥିଲେ। ସଭାରେ କଥାକାର ତଥା ଲେଖକ କୁମାର ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ଅଧକ୍ଷ ଡ. ବିଜୟ କୁମାର ଦେ,ଡା.ବଙ୍କିମ ଚନ୍ଦ୍ର ଜେନା, ସାମାଜିକ କର୍ମୀ ଚିତ୍ତରଞ୍ଜନ ଦାସ, ଜଗନ୍ନାଥ ପ୍ରଧାନ, ସନ୍ନ୍ୟାସୀ ବେହେରା, ପଞ୍ଚାନନ ଦାସ, କାର୍ତ୍ତିକ ରାଉତ, ଅଜୟ ପାତ୍ର, ଶମ୍ଭୁନାଥ ଗିରି, ସୁଶାନ୍ତ ବେହେରା, ବେଣୁଧର ମଣ୍ଡଳ, ଶଙ୍କର୍ଷଣ ଦାସ, ରାମଚନ୍ଦ୍ର ମାଝିଙ୍କ ସମେତ ବରିଷ୍ଠ ନାଗରିକ ପରିଷଦର କର୍ମକର୍ତ୍ତାମାନେ ଯୋଗଦେଇ ସ୍ୱର୍ଗତ ପିଲାଙ୍କ ସାଙ୍ଗଠନିକ ଦକ୍ଷତା, ସମସ୍ତଙ୍କୁ ଅନାବିଳ ଭଲପାଇବା ଏବଂ ଅମାୟିକ ବ୍ୟକ୍ତିତ୍ୱ ଚିରଦିନ ସଙ୍ଗଠନ ମଧ୍ୟରେ ଜୀବିତ ରଖିବ ବୋଲି କହିବା ସହିତ ଶ୍ରଦ୍ଧାସୁମନ ଜଣାଇଥିଲେ। ପ୍ରାରମ୍ଭରେ ଦିବଙ୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କର ଫଟୋଚିତ୍ରରେ ପରିଷଦର ସଦସ୍ୟମାନେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।



ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା।

## 'ବିଶ୍ୱ ଶାନ୍ତି ପ୍ରତିଷ୍ଠା ଦିଗରେ ଅଗ୍ରସର ହୁଅ'

**ରୂପ୍‌ସା, ୨୨।୪(ଡି.ଏନ.ଏ.)**

ରାଷ୍ଟ୍ର ପ୍ରତି ସମସ୍ତେ ଆନୁଗତ୍ୟ ପ୍ରକାଶ କରିବା ଉଚିତ୍। ଶ୍ରମ, ଭ୍ରାତୃତ୍ୱ ଭାବ ଓ ବିଶ୍ୱଶାନ୍ତି ସ୍ଥାପନ ହିଁ ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ। ବାସ୍ତବରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ସଭିଏଁ ଅଗ୍ରସର ହେଲେ ବିଶ୍ୱବାସୀ ଶାନ୍ତି ଓ ନିରାପଦରେ ବସବାସ କରିପାରିବେ ବୋଲି ବିଭିନ୍ନ ଧର୍ମର ପ୍ରବଚକମାନେ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ଗଡ଼ପଦା ଅହମଦୀୟା ମୁସଲିମ ଜମାନ ଆନୁକୂଲ୍ୟରେ ୧୩ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୌଲାନା ଜହିର ଅହେମଦ ଖାଦିମ ସାହେବ, ସମ୍ମାନୀତ ଅତିଥି ଭାବେ ମୁନି ସମାଜର ପ୍ରବକ୍ତା ସେଖ ଅବଦୁଲ ଅବୁବକର, ଭଦ୍ରକର

**ଗଡ଼ପଦାରେ ସର୍ବଧର୍ମ ଶାନ୍ତି ସମ୍ମିଳନୀ**



ସମ୍ମିଳନୀରେ ଉପସ୍ଥିତ ପ୍ରବଚକମାନେ।

ମୌଲୀନା ସେଖ ଇଶହାକ, ସେକ ହାରୁନ ରସିଦ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅହେସାନୁଲ ହକ ସାହେବ, ଜିଲା ଇନଚାର୍ଜ ଶେଖ ଅବଦୁଲ କାଦିର, ଗଡ଼ପଦା ଜମାତର ସଭାପତି ଜହୁରୁଦ୍ଦିନ ଖାନ, ସରପଞ୍ଚ ମାୟାଧର ମଣି, ସମିତିସଭ୍ୟ ପ୍ରତିନିଧି ହରେକୃଷ୍ଣ ପାଳ ପ୍ରମୁଖ ଯୋଗଦେଇ ସର୍ବଧର୍ମ ଶାନ୍ତି ସମ୍ମିଳନୀର ଉଦ୍ଦେଶ୍ୟ ଗୁରୁତ୍ୱାରୋପ କରିଥିଲେ। ଜିଲା ସଭାପତି ଅବଦୁଲ ୱଦୁଦ୍ ଖାନ ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ମାଗଣା ଚିକିତ୍ସା ସହ ଔଷଧ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ କର୍ମକର୍ତ୍ତା ଇସମାଇଲ ଖାନ, ନାସିରୁଦ୍ଦିନ ଖାନ, ମୁସ୍ତାକ ଅହେମଦ ଖାନଙ୍କ ସମେତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ମୟୂରଭଞ୍ଜରେ ବଢୁଛି ନିର୍ବାଚନ ପ୍ରଚାର ତାତି

ବାରିପଦା ଅଫିସ,୨୨।୪

- ସବୁ ଦଳର ଟାର୍ଗେଟରେ ୭ ବିଧାନସଭା କ୍ଷେତ୍ର
- ଭାଜପା, ବିଜେଡି ଓ ଜେଏମଏମ ଷ୍ଟାର ପ୍ରଚାରକଙ୍କ ଉପରେ ସଭିଙ୍କ ନଜର
- ୨୪ରେ ପ୍ରଚାର ପାଇଁ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ଝାଡଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ

ମୟୂରଭଞ୍ଜ ଜିଲାର ଲୋକସଭା କ୍ଷେତ୍ର ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରଚାର ସରଗରମ ହୋଇ ଉଠିଛି। ଭାଜପା, ବିଜେଡି ଓ ଜେଏମଏମ ଆଦି ଦଳର ପ୍ରମୁଖ ନେତୃବୃନ୍ଦ ଏଠାରେ ଡେରା ପକାଇ ରଣ କୌଶଳ ନିର୍ଦ୍ଧାରଣ କରି ପ୍ରଚାର ଚଳାଇଛନ୍ତି। ଆସନ୍ତା ୨୯ ତାରିଖରେ ଏଠାର ଭୋଟ ହେବ। ବିଭିନ୍ନ ଦଳର ପ୍ରାର୍ଥୀ ଘରଘର ବୁଲି ପ୍ରଚାର କାର୍ଯ୍ୟ କରୁଥିବା ବେଳେ ବାଇକ ରାଲି, ରୋଡ ଶୋ, ସଭା ସମାବେଶ ଯୋଗୁ ସମଗ୍ର ଅଞ୍ଚଳ କମ୍ପୁଛି।

ବାଲେଶ୍ୱର ଲୋକସଭା ଆସନରେ ସାମିଲ ଥିବା ଜିଲାର ବଡସାହି ବିଧାନସଭା ଆସନରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ହେଉ ଥିବାରୁ ସେଠାରେ ମଧ୍ୟ ପ୍ରଚାର ତାତି ଅନୁଭୂତ ହେଉଛି। କେନ୍ଦୁଝର ଜିଲା ଲୋକସଭା କ୍ଷେତ୍ର ଅଧୀନ ମୟୂରଭଞ୍ଜ ଜିଲାର କରଞ୍ଜିଆ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ଭୋଟ ହେଉଥିବାରୁ ସେଠାରେ ପ୍ରଚାରରେ ଲାଗିଥିବା ବିଭିନ୍ନ ଦଳର ନେତା ଓ କର୍ମୀ ଜିଲାର ଅନ୍ୟ ନିର୍ବାଚନ ମଣ୍ଡଳୀକୁ ପ୍ରଚାର ଲାଗି ଆସିବା କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷେ ଜନମତକୁ ନିଜ ସପକ୍ଷକୁ ନେବା ଲାଗି ବିଭିନ୍ନ ଦଳ ଷ୍ଟାର ପ୍ରଚାରକଙ୍କୁ ମଇଦାନକୁ ଆଣିବା କାର୍ଯ୍ୟକ୍ରମ ରଖିଥିବା ସୂଚନା ମିଳିଛି।

ଭାଜପା, ବିଜେଡି ଓ ଜେଏମଏମ ନିଜର ପ୍ରଚାର କାର୍ଯ୍ୟକ୍ରମ ଚୂଡାନ୍ତ କରିସାରିଥିବା ବେଳେ କଂଗ୍ରେସର ପ୍ରଚାର କାର୍ଯ୍ୟ କେତେକାଂଶରେ ଧିମା ରହିଛି। ଆସନ୍ତା ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଦଳ ସପକ୍ଷରେ ପ୍ରଚାର ଲାଗି ଆସୁଛନ୍ତି। ସେ ପ୍ରଥମେ ବଡସାହି ନିର୍ବାଚନ ମଣ୍ଡଳୀରେ ହାଇଟେକ୍ ବସରେ ରୋଡ ଶୋ’ କରିବେ। ଏହା ପରେ ବାରିପଦାରେ ବୁଧବାର ସନ୍ଧ୍ୟାରେ ରୋଡ ଶୋରେ ଯୋଗ ଦେଇ ବାରିପଦାରେ ରାତ୍ରୀ ଯାପନ କରିବେ । ପୁନଶ୍ଚ ଗୁରୁବାର ସେ ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ରୋଡ ଶୋ କରି ପ୍ରଚାର କରିବେ। ସେହିପରି ୨୪ ତାରିଖରେ ଭାଜପା ସପକ୍ଷରେ ପ୍ରଚାର ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୟୂରଭଞ୍ଜ ଜିଲା ଗସ୍ତରେ ଆସୁଛନ୍ତି। ସେ ଗୋଟିଏ ଦିନରେ ୭ଟି ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ଏହା ପରେ ୨୬ ତାରିଖରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡକରି ମୟୂରଭଞ୍ଜ ଜିଲା ଗସ୍ତ କରିବା କାର୍ଯ୍ୟକ୍ରମ ଥିବା ବେଳେ ୨୭ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ମୋରଡା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ସଭାରେ ଯୋଗ ଦେବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ଜେଏମଏମ ପ୍ରାର୍ଥୀଙ୍କ ପାଇଁ ଆସନ୍ତା ୨୪ ତାରିଖରେ କେନ୍ଦ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଓ ୨୫ ତାରିଖରେ ଜେଏମଏମ କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନ ଏହି ଜିଲାକୁ ଆସି ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଏଯାଏ କୌଣସି ରାଜ୍ୟ କିମ୍ବା କେନ୍ଦ୍ରୀୟ ନେତା ପ୍ରଚାରରେ ଆସି ନ ଥିଲେ ମଧ୍ୟ ଶେଷ ଚରଣରେ ଦଳ ପକ୍ଷରୁ ଷ୍ଟାର ପ୍ରଚାରକଙ୍କୁ ଅଣାଯିବ ବୋଲି କୁହାଯାଉଛି। ପ୍ରମୁଖ ଦଳ ବ୍ୟତୀତ ଅନ୍ୟଦଳର ପ୍ରାର୍ଥୀ ଓ ସ୍ୱାଧୀନ ପ୍ରାର୍ଥୀ ବିଭିନ୍ନ ତରିକାରେ ମଧ୍ୟ ପ୍ରଚାର ଚଳାଇଛନ୍ତି। ଭୋଟ ଗ୍ରହଣ ଦିନ ଯେତିକି ପାଖେଇ ଆସୁଛି, ସେତିକି ନିର୍ବାଚନ ତାତି ବଢିବାରେ ଲାଗିଛି।

## ସଂକ୍ଷେପରେ

### ଶ୍ୱଶୁର ଘରକୁ ବୁଲି ଆସିଥିବା ଜ୍ୱାଇଁଙ୍କ ଆତ୍ମହତ୍ୟା

**ବିଶୋଇ,୨୨।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ଜାମିରଡ଼ିହା ଗ୍ରାମ ସ୍ଥିତ ଶ୍ୱଶୁର ଘରକୁ ଆସି ଜ୍ୱାଇଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ କରୁଛି। ଏ ନେଇ ବିଶୋଇ ଥାନାରେ ମାମଲା( ନଂ ୪/୧୯ ) ରୁଜୁ ହୋଇଛି। ମୃତ୍ୟୁର କାରଣ ଜଣାପଡି ନ ଥିବା ପୋଲିସ କହିଛି। ମୃତ ଯୁବକ ଜଣକ ହେଲେ ସୁରେଶ କସବା (୩୫) । ତାଙ୍କ ଘର ମଧ୍ୟପ୍ରଦେଶ ରାଜ୍ୟ ଶିବପୁରି ଜିଲା ଅନ୍ତର୍ଗତ କଲାରସ ଗ୍ରାମରେ । ସେ ଜାମିରଡ଼ିହା ଗ୍ରାମର ରାମେଶ୍ୱର ପାତ୍ରଙ୍କ ଝିଅଙ୍କୁ ପ୍ରେମବିବାହ କରିଥିଲେ । ତାଙ୍କର ୩ ସନ୍ତାନ ଅଛନ୍ତି। ଗତ ଶୁକ୍ରବାର ସୁରେଶ ନିଜ ସନ୍ତାନ ଓ ସ୍ତ୍ରୀ ସହିତ ମଧ୍ୟପ୍ରଦେଶରୁ ଜାମିରଡ଼ିହା ସ୍ଥିତ ଶ୍ୱଶୁର ଘରକୁ ବୁଲି ଆସିଥିଲେ। ସୋମବାର ସକାଳେ ଶ୍ୱଶୁର ଘର ନିକଟସ୍ଥ ଏକ ଆମ୍ବ ଗଛରେ ସେ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକ ଏ ନେଇ ବିଶୋଇ ପୋଲିସକୁ ଖବର ଦେବା ପରେ ଥାନା ଆଇଆଇସି କୁନି ବେଶ୍ରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କର ବ୍ୟବଛେଦ ପାଇଁ ରାଇରଙ୍ଗପୁରକୁ ପଠାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

### ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ, ଜଣେ ଗିରଫ

**ବାରିପଦା ଅଫିସ,୨୨।୪:** ରବିବାର ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତଗତ କୁଶୁଦା ଗ୍ରାମର ଜଣେ ୩୨ବର୍ଷର ଯୁବକ ଭଗତ ବିନ୍ଧାଣୀ ନିକଟସ୍ଥ ଏକ ଗ୍ରାମର ଜଣେ ବିବାହିତ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ବୈଶିଙ୍ଗା ଥାନାରେ ମହିଳାଙ୍କ ପରିବାର ପକ୍ଷରୁ ସୋମବାର ଅଭିଯୋଗ ହୋଇଛି। ବୈଶିଙ୍ଗା ପୋଲିସ ଅଭିଯୋଗ ଭିତ୍ତିରେ ଏକ ମାମଲା( ନଂ. ୮୧/୧୯) ରୁଜୁ କରି ଅଭିଯୁକ୍ତ ଭଗତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଭଗତ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇ ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିବାରୁ ସେ ଏହାକୁ ବିରୋଧ କରିଥିଲେ। ମହିଳାଙ୍କ ସ୍ୱାମୀ ସେଠାରେ ପହଞ୍ଚି ଯିବାରୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଭଗତ ଏକ ଧାରୁଆ ପନିଖିରେ ଉକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଦୌଡି ଆସି ଉକ୍ତ ଯବୁକକୁ କାବୁ କରି ପୋଲିସକୁ ଡାକି ହସ୍ତାନ୍ତର କରିଥିଲେ।

### ବିଦେଶୀ ମଦ ଦୋକାନରେ ଭଙ୍ଗାରୁଜା, ଥାନାରେ ମାମଲା

**ବଡସାହି, ୨୨।୪(ସ୍ୱ.ପ୍ର):** ବଡ଼ସାହି ଥାନା ଅଧିନ ହରିପୁର ଗ୍ରାମରେ ଥିବା ବିଦେଶୀ ମଦ ଦୋକାନରେ କେତେକ ଯୁବକ ପଶି ସିସିଟିଭି ଭଙ୍ଗାରୁଜା କରିବା ସହ ୪ ପେଟି ମଦ ନେଇ ଯାଇଛନ୍ତି। ଏ ସଂକ୍ରାନ୍ତରେ ଲିଜଧାରୀ ସୁଧା ଶୀଲକରଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୭୦/୧୯)ରେ ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନେ ହେଲେ ପ୍ରତାପପୁର ପଞ୍ଚାୟତର ପଞ୍ଚବଟ କାଣ୍ଡ, ବାସୁଦେବ ତରେଇ, ପୁରୀ ବୈଠା ଓ ଲକ୍ଷ୍ମୀଧର ପଣ୍ଡିତ। ପଞ୍ଚବଟଙ୍କ ସହିତ ସହଯୋଗୀ ଅଭିଯୁକ୍ତମାନେ ବିଦେଶୀ ମଦ ଦୋକାନରେ ପଶି କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିରେ ବିରୋଧ କରିବାରୁ ଅଭିଯୁକ୍ତମାନେ ସୁଧାଶୀଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଦୋକାନରେ ଲାଗିଥିବା ସିସିଟିଭିକୁ ଭାଙ୍ଗି ପଳାଇଥିଲେ।

# ଗୋରୁ ଚରାଇବା ବେଳେ ବଜ୍ରପାତରେ ମୃତ୍ୟୁ

ଖୁଣ୍ଟା,୨୨।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ବଡ଼ମାମୁ ଗ୍ରାମରେ ବଜ୍ରାପାତରେ ପ୍ରଫୁଲ ବିଶ୍ୱାଳ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପ୍ରଫୁଲ ରବିବାର ସକାଳେ ଗୋରୁ ଚରାଇବା ପାଇଁ ଯାଇଥିଲେ । ଅପରାହ୍ନ ଝଡବର୍ଷା ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିବାକୁ ଯାଇ ବିଲ ମଧ୍ୟରେ ସେ ବେହୋସ ଅବସ୍ଥାରେ ପଡିଥିବାର ଦେଖିଥିଲେ । ତାଙ୍କୁ ସଙ୍ଗେସଙ୍ଗେ ଖୁଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ବାପାଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିବା ସମ୍ପର୍କରେ ପ୍ରଫୁଲଙ୍କ ପୁଅ ଛତିଶ ଖୁଣ୍ଟା ଥାନାକୁ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ମୃତଦେହକୁ ସୋମବାର ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୧୯ ) ରୁଜୁ କରିଛି ।

# ଥମୁନି ଅସନ୍ତୋଷ: ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଚର୍ଚ୍ଚା

ବାରିପଦା ଅଫିସ, ୨୨।୪



ବାରିପଦା ୫ ନମ୍ବର ୱାର୍ଡରେ ବିଜେଡିର ନିର୍ବାଚନୀ ସଭା।

ମୟୂରଭଞ୍ଜ ଜିଲା ବାରିପଦା ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଚୟନ ନେଇ ଦଳରେ ଦେଖାଦେଇଥିବା ଅସନ୍ତୋଷ ତୁଟାଇବାକୁ ଉଚ୍ଚସ୍ତରରେ ଉଦ୍ୟମ ହେବା ସତ୍ତ୍ୱେ ସ୍ଥିତି ବଦଳି ନାହିଁ। ଶନିବାର ଓ ରବିବାର ଦୁଇ ଦିନ ଧରି ଅସନ୍ତୁଷ୍ଟଙ୍କୁ ମନାଇବା ଲାଗି ଉଦ୍ୟମ କରାଯାଇଥିବା ସୂଚନା ମିଳିଛି। ନିର୍ବାଚନକୁ ଆଉ ୬ ଦିନ ବାକି ରହିଥିବା ବେଳେ ଦଳର ଗୋଟିଏ ଗୋଷ୍ଠୀର ନୀରବତା ଏବଂ ସୋସିଆଲ ମିଡିଆରେ ଏ ନେଇ ପର୍ଯ୍ୟବେକ୍ଷକମାନଙ୍କୁ ଖୋଲାଖୋଲି ସମାଲୋଚନା କରାଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ଯୁବ ବିଜେଡି ଗଣମାଧ୍ୟମ ସଂଯୋଜକ କପିଳ ଖଣ୍ଡେଲୱାଲ ସୋମବାର କର୍ମୀମାନଙ୍କୁ କେହି ପଚାରୁ ନାହାନ୍ତି ଏବଂ ପ୍ରକୃତ କର୍ମୀ ଜିଲା ବିଜେଡି କାର୍ଯ୍ୟାଳୟକୁ ଆସି ଦିନ ରାତି ବସି ରହୁଛନ୍ତି ବୋଲି ଦର୍ଶାଇ ଏକ ପୋଷ୍ଟ କରିଛନ୍ତି। ଏ ପରିକି ପର୍ଯ୍ୟବେକ୍ଷକ ସବୁ ଜାଣି ଚୁପ ହୋଇ ବସି ରହୁଥିବା ସେ ଉଲ୍ଲେଖ କରିଛନ୍ତି। ଏହାପୂର୍ବରୁ ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କୁ ଟିକେଟ ଦିଆ ନ ଯିବାରୁ ତାଙ୍କର ଜଣେ ସମର୍ଥକ ଖୋଲାଖୋଲି ଜଣେ ପର୍ଯ୍ୟବେକ୍ଷକଙ୍କ ବିରୋଧରେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏ ପରିକି ମୟୂରଭଞ୍ଜକୁ ଆସିଲେ ତାଙ୍କୁ ବିରୋଧ କରାଯିବ ବୋଲି କହିଥିଲେ।

ଉଲ୍ଲେଖନୀୟ ଯେ, ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କୁ ବାଦ୍ ଦେଇ ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମଙ୍କୁ ପ୍ରାର୍ଥୀ କରିବା ପରେ ଦଳରେ ମତାନୈକ୍ୟ ଦେଖାଦେଇଛି। ନିଜେ ସାନନ୍ଦ କିଛି ପ୍ରତିକ୍ରିୟା ପ୍ରକାଶ ନ କରି ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେଉଥିବା ଦେଖାଯାଉ ଥିଲେ ହେଁ ତାଙ୍କ ସମର୍ଥକମାନେ ଏଭଳି ପ୍ରତିକ୍ରିୟା ବ୍ୟକ୍ତ କରି ଉଦାସୀନ ରହୁଛନ୍ତି। ସେମାନଙ୍କୁ ନିର୍ବାଚନରେ କାର୍ଯ୍ୟରେ ସହଯୋଗ କରିବା ଲାଗି ବୁଝାଶୁଝା କରିବା ଉଦ୍ୟମ ହେବା ସତ୍ତ୍ୱେ ଏହା ଏଯାଏ ସଫଳ ହୋଇ ପାରି ନାହିଁ । ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ଏଥିଲାଗି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ କରି ବାରିପଦା ପଠାଯିବା ପରେ ସେ ସରୋଜିନୀ ଓ ସାନନ୍ଦଙ୍କ ସହିତ ଘନ ଘନ ବୈଠକ କରି ଆଲୋଚନା କରିଛନ୍ତି। ଶନିବାର ଜିଲା କାର୍ଯ୍ୟାଳୟରେ ସାନନ୍ଦଙ୍କ ସମର୍ଥକ ତଥା ଉତ୍ତର ଓଡିଶା ଯୁବ ବିଜେଡି ସଭାପତି ସୁବ୍ରମଣ୍ୟମ ମହାନ୍ତି, ଯୁବ ବିଜେଡି ସଭାପତି ଜିତେନ୍ଦ୍ର ମହାନ୍ତି, ଜିଲା ଛାତ୍ର ସଭାପତି ଅଭୟ ସିଂ, ଯୁବ ବିଜେଡି ଗଣମାଧ୍ୟମ ସଂଯୋଜକ କପିଳ ଖଣ୍ଡେଲୱାଲଙ୍କ ସମେତ ସହରର ଯୁବଛାତ୍ରମାନଙ୍କୁ ଦେଇ ଏକ ବୈଠକ କରାଯାଇଥିଲା। ଏହାର ଦୁଇ ଦିନ ନ ପୁରୁଣୁ ଯୁବ ବିଜେଡି ଗଣମାଧ୍ୟମ ସଂଯୋଜକ ଖଣ୍ଡେଲୱାଲଙ୍କ ସୋସିଆଲ ମିଡିଆରେ ଦଳର ସ୍ଥିତି ଓ ନେତୃତ୍ୱଙ୍କ ସମ୍ପର୍କରେ ପୋଷ୍ଟ କରିବା ଘଟଣା ଭିନ୍ନ ଚିତ୍ର ବହନ କରୁଛି। ତେବେ ଜିଲା ଯୁବ ବିଜେଡି ସଭାପତି ତଥା ବାରିପଦା ସହରର ୫ ନଂ. ୱାର୍ଡର ପୂର୍ବତନ କାଉନସିଲର ଜିତେନ୍ଦ୍ର ମହାନ୍ତି କହିଛନ୍ତି, ବାରିପଦା ବିଧାୟିକା ପ୍ରାର୍ଥୀ ସରୋଜିନୀ ଓ ପର୍ଯ୍ୟବେକ୍ଷକ ପ୍ରିୟଦର୍ଶୀ ମିଶ୍ରଙ୍କୁ ନେଇ ରବିବାର ଆଉ ଏକ ବିରାଟ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହା ଦଳରେ ଅସନ୍ତୋଷ ଦୂର କରିବ ବୋଲି ସେ ଆଶା କରୁଛନ୍ତି। ଏସମ୍ପର୍କରେ ଯୋଗଯୋଗ କରିଥିଲେ ସୁଦ୍ଧା ଦଳର କୌଣସି ପର୍ଯ୍ୟବେକ୍ଷକ କିଛଇ ମତାମତ ଦେବାକୁ ମନା କରି ଦେଉଛନ୍ତି।

# ଭୋଟଗ୍ରହଣ କେନ୍ଦ୍ର ଅନୁଧ୍ୟାନ କଲେ ପର୍ଯ୍ୟବେକ୍ଷକ

ବାରିପଦା ଅଫିସ, ୨୨।୪

ମୟୂରଭଞ୍ଜ ଜିଲାରେ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୪ର୍ଥ ପର୍ଯ୍ୟାୟ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ତଥା ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବା ଲାଗି ଜିଲା ପ୍ରଶାସନ ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଛି। ଜିଲାରେ ନିର୍ବାଚନ ପରିଚାଳନା କାର୍ଯ୍ୟ ତଦାରଖ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଗୋପାଳ ଶର୍ମା ମୟୂରଭଞ୍ଜ ଲୋକ ସଭା କ୍ଷେତ୍ର ଅଧୀନ ସାରସକଣା, ରାଇରଙ୍ଗପୁର ଓ ଯଶୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ରହିଛନ୍ତି। ସେ ଉକ୍ତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଶେଷକରି ସାରସକଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ପରିଦର୍ଶନରେ ଯାଇ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ସଂଲଗ୍ନ ମୟୂରଭଞ୍ଜ ଜିଲାର ସୀମାନ୍ତ ଅଞ୍ଚଳର ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକୁ ନିରୀକ୍ଷଣ କରିଛନ୍ତି। ମତଦାତାଙ୍କ ସୁବିଧା ପାଇଁ ସର୍ବନିମ୍ନ ଭିତ୍ତିଭୂମି ଓ ପୋଲିସ ସୁରକ୍ଷା ବ୍ୟବସ୍ଥା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ବିଜେଡି କର୍ମୀ ସମ୍ମିଳନୀ

ଭଣ୍ଡାରିପୋଖରୀ, ୨୨।୪ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମୁଢାପଦାସ୍ଥିତ ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣରେ ସୋମବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଧର ଜେନା ଅଧ୍ୟକ୍ଷତା କରିଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ, ସୁଜାତା ଜେନା, ସୁଧାକର ନନ୍ଦ, ପୂର୍ବତନ ବିଧାୟକ ରଥ ଦାସ, ପ୍ରଣିତକାନ୍ତ ସାମଲ, ଲକ୍ଷ୍ମୀଧର ନାୟକ, ରବୀନ୍ଦ୍ର ସ୍ୱାଇଁ, ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସାଧାରଣ ନିର୍ବାଚନରେ ବିଜେଡି ଅଧିକ ଭୋଟ ପାଇ କେମିତି ବିଜୟୀ ହେବ ସେନେଇ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ବିଧାୟକ ଓ ଏମ୍ପି ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ଜିତାଇବା ପାଇଁ ସେମାନେ ନିବେଦନ କରିଥିଲେ।

ଉଦଳାରେ ବିଜେଡି ଲାଗି ଅଚ୍ୟୁତଙ୍କ ପ୍ରଚାର

# ‘ଆଦିବାସୀଙ୍କ ଉନ୍ନତି ହେଲେ ରାଜ୍ୟର ବିକାଶ ସମ୍ଭବ’

ଉଦଳା, ୨୨।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ନିର୍ବାଚନମଣ୍ଡଳୀର ଉଦଳା ବ୍ଲକ ଅଧୀନ ଶ୍ରୀଦାମଚନ୍ଦ୍ରପୁର ପଞ୍ଚାୟତର ହାତୀମଡା ଫୁଟବଲ୍ ପଡିଆଠାରେ ସୋମବାର ଅପରାହ୍ନରେ ବିଜେଡି ପକ୍ଷରୁ ନିର୍ବାଚନ ସଭା ଅନୁଷ୍ଠିତ ହୋଇଥିଲା। ଏଥର କନ୍ଧମାଳ ଲୋକସଭା ଆସନ ଲାଗି ବିଜେଡି ଟିକେଟ୍‌ରେ ନିର୍ବାଚନ ଲଢୁଥିବା ରାଜ୍ୟସଭା ସଦସ୍ୟ ତଥା କିଟସ୍‌ର ପ୍ରତିଷ୍ଠାତା ଡା. ଅଚ୍ୟୁତ୍ ସାମନ୍ତ ଏଥିରେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ଆଦିବାସୀ ପରିବାରର ଉନ୍ନତି ହେଲେ ରାଜ୍ୟର ଉନ୍ନତି ସମ୍ଭବ ହେବ ବୋଲି ସେ ଏହି ନିର୍ବାଚନ ପ୍ରଚାର ସଭାରେ କହିଥିଲେ। ମୟୂରଭଞ୍ଜ ଜିଲାର ଲୋକ ସଭା ପ୍ରାର୍ଥୀ ଡା. ଦେବାଶିଷ ମାରାଣ୍ଡି ଯୋଗଦେଇ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳାକୁ ସମାଲୋଚନା କରିଥିଲେ। ଉଦଳା ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ଶ୍ରୀନାଥ ସୋରେନ୍ ତାଙ୍କ ବକ୍ତବ୍ୟରେ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଳା ଅଞ୍ଚଳ ପାଇଁ ବିଭିନ୍ନ ଜନହିତକର ଯୋଜନା କରିଛନ୍ତି, ଯାହା ଜନସାଧାରଣଙ୍କୁ ସୁହାଇଛି । ଗମନାଗମନ, ବିଦ୍ୟୁତ୍ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଦଳା ଅଞ୍ଚଳ ବହୁ ଆଗରେ ଅଛି । ତେବେ ଅନ୍ୟ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ଡା. ସାମନ୍ତ ଅପରାହ୍ନ ୩ଟାରେ ହେଲିକପ୍ଟର ଯୋଗେ ଆସି ଏଠାରେ ଅବତରଣ କରିବା ପରେ ସଭାମଞ୍ଚକୁ ଯାଇଥିଲେ । ଶତାଧିକ ମହିଳା ପୁରୁଷ ତାଙ୍କୁ ସଭାମଞ୍ଚକୁ ପାଛୋଟି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାନ୍ତାଳୀ ହୋ ଭାଷାର ସିନେ ତାରକା ରାଜୁରାଜ ବିରୁଲି, ରାନୀ ଦେଓଗାମ୍, ସନୀ ମୁର୍ମୁ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରାଇସେନ ମୁର୍ମୁ, ଶ୍ରୀଦାମଚନ୍ଦ୍ରପୁର ଅବସରପ୍ରାପ୍ତ ଶିକ୍ଷକ ହରିହର ମହାନ୍ତ, ଯୁବନେତା ଅମୀୟ କୁମାର ବଳ, ସୁବଳ ବାନାର୍ଜୀ, ଉଦଳା ବ୍ଲକର ପୂର୍ବତନ ଚେୟାରମ୍ୟାନ୍ ସବିତା ହାଁସଦା, ଆପଦ ରଞ୍ଜନ ରାଉତ, ସୋମନାଥ ସାହୁ, ଠୁମ୍ପୁ ମୁର୍ମୁ ଏବଂ ବିଜୁ ଯୁବ ବାହିନୀର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।



ପ୍ରଚାର ସଭାରେ ଦଳୀୟ ନେତା।

# ବଡ଼ସାହିରେ ବିଶ୍ୱ ଧରିତ୍ରୀ ଦିବସ

ବଡସାହି, ୨୨।୪(ସ୍ୱ.ପ୍ର)

ବଡ଼ସାହି ବ୍ଲକ ଅଧୀନ ମଙ୍ଗଳପୁର ମା’ ମଙ୍ଗଳା ବାଳାଶ୍ରମ ପକ୍ଷରୁ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଇକୋ ବ୍ଲକର ଜିଲା ସଂଯୋଜକ ରମାକାନ୍ତ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ମା’ସବଳା ବିଶ୍ୱ କଲ୍ୟାଣ ସେବା ସମିତିର ଉପଦେଷ୍ଟା ଉର୍ମିଳା ଦାଶ, ଅନ୍ୟତମ ଅତିଥି ଭାବେ ଲକ୍ଷ୍ମୀପ୍ରିୟା ବେହେରା, ଶ୍ରୀମତୀ ଦାସ ଓ ପ୍ରତିମା ବାରିକ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ବୀରକିଶୋର ବାରିକ, ମୁଖ୍ୟବକ୍ତା ଭାବେ ତାପସ ରଞ୍ଜନ ଦାସ, ଦୀପକ କୁମାର ଜେନା, ଅଦ୍ୱୈତ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି । ଧରିତ୍ରୀ ମାତାର ସୁରକ୍ଷା ପାଇଁ ଜନସଚେତନତାର ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଛନ୍ତି । ଅସନ୍ତୁଳିତ ଅବସ୍ଥାରେ ଥିବା ଧରିତ୍ରୀ ମାତାର ଜଳବାୟୁ ପରିବର୍ତ୍ତନ ହେଉଥିବା ବେଳେ ଭୂତଳ ଜଳ ହ୍ରାସ ହେବାରେ ଲାଗିଛି । ଏଣୁ ପ୍ରତ୍ୟେକ ନାଗରିକ ନିଜ ବାଡିରେ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ମେଧାବୃତ୍ତି ପାଇଥିବା ଛାତ୍ର ଜିତେନ୍ଦ୍ର ମୁର୍ମୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବାଳାଶ୍ରମ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ସହଯୋଗ କରିଛନ୍ତି।


ଅତିଥିଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ

# ପ୍ରତିଶ୍ରୁତିକୁ ପରଖୁଛନ୍ତି ଭୋଟର

ବଡ଼ସାହି,୨୨।୪(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି(ସଂ) ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋର ଧରିଛି । ବଡ଼ସାହି ଓ ବେତନଟୀ ବ୍ଲକର ୪୫ଟି ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନ ମଣ୍ଡଳୀ ର ଚଳିତ ନିର୍ବାଚନରେ ବିଜେଡିରୁ ବୃନ୍ଦାବନ ଦାସ, ଭାଜପାରୁ ସନାତନ ବିଜୁଳୀ, କଂଗ୍ରେସରୁ ଦେବଯାନୀ ବେହେରା ଓ ବିଏସପିରୁ ସଞ୍ଜୟ କୁମାର ବେହେରାଙ୍କ ସମେତ ୮ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି । ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ଏହି ଆସନକୁ ଅକ୍ତିୟାର କରିଥିଲା। ପରିବର୍ତ୍ତିତ ସ୍ଥିତିରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଏହି ଆସନକୁ ଦଖଲ କରିବା ଲକ୍ଷ୍ୟ ନେଇ ଦଳୀୟ ସଂଗଠନକୁ ସଜାଡି ପ୍ରଚାର ଚଳାଇଛନ୍ତି। ବିଭିନ୍ନ ଦଳର ନେତା ଓ ପ୍ରାର୍ଥୀ ବିଭିନ୍ନ ପ୍ରତିଶ୍ରୁତି ଦେଇ ଜୋରଦାର ପ୍ରଚାର କରୁଛନ୍ତି।

ଏ ସମ୍ପର୍କରେ ଶିଆଳୀଘାଟୀ ପଞ୍ଚାୟତ ବାଘୁଆପଳ ଗ୍ରାମର ଶିରୀଶ ଚନ୍ଦ୍ର ଗିରି ତାଙ୍କ ପ୍ରତିକିୟାରେ କହଛନ୍ତି, ବୁଢାବଳଙ୍ଗ ନଦୀରେ ଆଡିବନ୍ଧ ନିର୍ମାଣ ଲାଗି ଅଞ୍ଚଳବାସୀ ବହୁ ଦିନରୁ ଦାବି କରି ଆସୁଛନ୍ତି। ପ୍ରତିବର୍ଷ ବନ୍ୟାରେ ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି। ବିକାଶ କ୍ଷେତ୍ରରେ ପଛୁଆ ଥିବା ଏହି ଅଞ୍ଚଳର ଲୋକେ ଏଯାଏ ବିଜୁଳି ସଂଯୋଗ ପାଇପାରି ନାହାନ୍ତି। ଏସବୁ ସମସ୍ୟା ନିର୍ବାଚନରେ ପ୍ରମୁଖ ପ୍ରସଙ୍ଗ ରହିଛି। ପାଉଁଶିଆ ଗ୍ରାମର ଖଗେଶ୍ୱର ମହାକୁଡ ଓ ରାଧାମୋହନ ସିଂ ଏବଂ ବାଗୁଲି ଗ୍ରାମର ସନ୍ନ୍ୟାସୀ ନାଏକ ପ୍ରମୁଖ କହିଛନ୍ତି, ବିଭିନ୍ନ ନିର୍ବାଚନ ବେଳେ ନେତାମାନେ ପ୍ରତିଶ୍ରୁତି ଦେଇ ପରେ ଭୁଲି ଯାଉଛନ୍ତି। ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ କ୍ଷେତ୍ରରେ ଲାଗି ନାନା ସମସ୍ୟା ଲାଗି ରହିଛି। ଲୋକଙ୍କ ସୁଖଦୁଃଖରେ ସାଥି ହୋଇପାରୁଥିବା ନେତାଙ୍କୁ ଲୋକେ ଏଥର ଅଗ୍ରାଧିକାର ଦେବେ ବୋଲି ବଣତାଳପଦା ଗ୍ରାମର ପ୍ରକାଶ ବେହେରା ଏବଂ ମନ୍ମଥ ବେହେରା ମତ ଦେଇଛନ୍ତି। ବିଭିନ୍ନ ଦଳ ପକ୍ଷରୁ ଦିଆଯାଉଥିବା ନିର୍ବାଚନ ପ୍ରତିଶ୍ରୁତିକୁ ଭୋଟରମାନେ ପରଖି ଠିକ୍ ନିର୍ଣ୍ଣୟ ନେବେ ବୋଲି କୋଚିଲାପଦା ଗ୍ରାମର କାଳିଶଙ୍କର ସାହୁ କହିଛନ୍ତି। ନେତାମାନେ ଭୋଟ ପ୍ରଚାର ବେଳେ ଏ ଅଞ୍ଚଳର ଦାଦନ ସମସ୍ୟା ନେଇ ଲୋକେ ନାନା ପ୍ରଶ୍ନ କରୁଥବା କହିଛନ୍ତି ସତ୍ୟବ୍ରତ ଗିରି । ଏ ସମ୍ପର୍କରେ ବିଜେଡି ରାଜ୍ୟ ସମ୍ପାଦକ ରାକେଶ କୁମାର ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ତାଙ୍କ ଦଳ ଯାହା ପ୍ରତିଶ୍ରୁତି ଦେଇଛି, ତାହାକୁ ପାଳନ କରିଆସିଛି । ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କରମହାପାତ୍ର କହିଛନ୍ତି, କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସ ସରକାର ଗଠନ କଲେ ଇସ୍ତାହାରରେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବ। ଭାଜପା ଜିଲା ଉପସଭାପତି ସୁନୀଲ କୁମାର ଦାଶ କହିଛନ୍ତି, କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁ ନ ଥିବାରୁ ରାଜ୍ୟବାସୀ ବଞ୍ଚିତ ହେଉଛନ୍ତି । ଭାଜପା ସରକାର ଗଠନ କଲେ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବ।

## ସଂକ୍ଷେପରେ

### ଆଜି ଆସୁଛନ୍ତି ମୁଖ୍ୟମନ୍ତ୍ରୀ

ଭଦ୍ରକ ଅଫିସ, ୨୨।୪: ଚତୁର୍ଥ ପର୍ଯ୍ୟାୟ ନିର୍ବାଚନକୁ ଆଖି ଆଗରେ ରଖି ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭଦ୍ରକ ଗସ୍ତ କରିବେ। ମୁଖ୍ୟମନ୍ତ୍ରୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରି ଭଦ୍ରକର ବିଭିନ୍ନ ସ୍ଥାନରେ ୩ ଘଣ୍ଟା ୧୫ ମିନିଟ୍ ରହି ଅନ୍ୟତ୍ର ଫେରିଯିବେ। ବାସୁଦେବପୁର, ଭଦ୍ରକ, ଭଣ୍ଡାରିପୋଖରୀ ଓ ଧାମନଗରରେ ସାଧାରଣ ସଭାରେ ସେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।

### ମୋବାଇଲ ଟାୱାରରୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ତିହିଡ଼ି, ୨୨।୪ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ସୟା ପଞ୍ଚାୟତ ବାଉଁଶବାଗ ଗ୍ରାମର ଜଣେ ଯୁବକ ସୋମବାର ପୂର୍ବାହ୍ନରେ ମୋବାଇଲ ଟାୱାରରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଧନଞ୍ଜୟ ସାହୁ(୨୦)। ପାରିବାରିକ କଳହକୁ ନେଇ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ତିହିଡ଼ି ଥାନା ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା(ନଂ.୧୫/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଭାଜପାର କର୍ମୀ ସମାବେଶ

ଧାମନଗର, ୨୨।୪ (ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ସହରୀ ମଣ୍ଡଳ ଭାଜପା ପକ୍ଷରୁ ମୁନିସିପାଟଣା ଦାଣ୍ଡସୁନାମୁଖୀ ମନ୍ଦିର ପରିସରରେ ବିଶାଳ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସରୋଜ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଭାଜପାର ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଯୋଗଦେଇ ତାଙ୍କ ପିତା ଅର୍ଜୁନ ଚରଣ ସେଠୀଙ୍କୁ ବିଜେଡି ଯେଉଁ ଅପମାନ କରିଛି, ଭଦ୍ରକବାସୀ ତା'ର କଡ଼ା ଜବାବ ଦେବେ ବୋଲି କହିଥିଲେ। ଏଥିସହ ଦେଶରେ ମୋଦି ସରକାରଙ୍କର ପୁଣିଥରେ ଆବଶ୍ୟକତା ରହିଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବିଧାୟକ ପ୍ରାର୍ଥୀ ବିଷ୍ଣୁ ସେଠୀ ଯୋଗଦେଇ ଧାମନଗରବାସୀଙ୍କ ସହିତ ସେ ସବୁବେଳେ ରହିଆସିଛନ୍ତି ବୋଲି ବକ୍ତବ୍ୟ ରଖିଥିଲେ। ଉଭୟ ପ୍ରାର୍ଥୀ ଭାଜପାର ବିଜୟ ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସହରୀ ମଣ୍ଡଳ ସଭାପତି କୈଳାସ ମହାପାତ୍ର, ଧୂଷୁରୀ ଜୋନ୍ ଜିଲାପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ ଉପସ୍ଥିତ କର୍ମୀମାନଙ୍କୁ ଭାଜପା ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସମ୍ପାଦକ ବିଜୟ ରାମ, ମନୋଜ ମଲ୍ଲିକ, ସୁବାସ ନନ୍ଦ, ଭୁବେନ୍ଦ୍ର ନାୟକ, ରାମଚନ୍ଦ୍ର ମିଶ୍ର, ଜିଲା ଓବିସିମୋର୍ଚ୍ଚା ସମ୍ପାଦକ ବୀରେନ୍ଦ୍ର ଜେନା, ଯୁବମୋର୍ଚ୍ଚା ସଭାପତି ଶୁଭେନ୍ଦୁ ପାତ୍ର, ପୂର୍ବତନ ସରପଞ୍ଚ ମାନସୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସହରୀ ମଣ୍ଡଳରୁ ପ୍ରାୟ ୧ ହଜାର କର୍ମୀ ସମାବେଶରେ ଉପସ୍ଥିତ ଥିଲେ।

## ଗାଁକୁ ନାହିଁ ସବୁଦିନିଆ ରାସ୍ତା

# ଭୋଟ ବର୍ଜନ ନିଷ୍ପତ୍ତି

ଭଦ୍ରକ ଅଫିସ, ୨୨।୪

ଦୀପ ତଳ ଅନ୍ଧାର। ପ୍ରଶାସନର ହାତପାହାନ୍ତରେ ପହଞ୍ଚି ପାରିନି ବିକାଶ। ଭଦ୍ରକ ଜିଲା ପ୍ରଶାସନର ହାତପାହାନ୍ତା ଗାଁକୁ ନାହିଁ ସବୁଦିନିଆ ରାସ୍ତା। ଲୋକେ ପଞ୍ଚାୟତଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଦୁଃଖ ଜଣାଇଲେ। ହେଲେ ସୁଫଳ ମିଳିଲାନି। ସମସ୍ୟାର ସମାଧାନ ପାଇଁ ମଧ୍ୟ କେହି ପ୍ରତିଶ୍ରୁତି ଦେଲେ ନାହିଁ। ନିର୍ବାଚନ ଆଉମାତ୍ର ଦିନ କେଇଟା ପରେ। ଗାଁକୁ ସବୁଦିନିଆ ରାସ୍ତା ନ ଥିବାରୁ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ଭଦ୍ରକ ବ୍ଲକ ବେନ୍ତାଳ ପଞ୍ଚାୟତର ଜଗନ୍ନାଥପୁର ଓ ଚକବେନ୍ତାଳ ଗାଁ ଲୋକେ।

ଏହି ୨ ଗାଁ ଜିଲା ମୁଖ୍ୟାଳୟଠାରୁ ମାତ୍ର ୯ କି.ମି.। ଭଦ୍ରକ-ଚାନ୍ଦବାଲି ରାସ୍ତାର ବାରିକଛକଠାରୁ ୩ କି.ମି. ଗଲେ ପଡ଼େ ଏହି ଗାଁ। ଦୁଇ ଗାଁରେ ପ୍ରାୟ ୨ ହଜାର ଲୋକ ବସବାସ କରୁଛନ୍ତି। ସାଳନ୍ଦୀ କେନାଲ ଅବବାହିକାରେ ଗାଁଦ୍ୱୟ ଅବସ୍ଥିତ। ଏହି ଗାଁ ପାଇଁ କେନାଲରୋଡ୍ ମୁଖ୍ୟରାସ୍ତା ହୋଇଥିଲେ ମଧ୍ୟ କେନାଲ ପାର୍ ହୋଇ ଯିବା ଲାଗି ଥିବା ଛୋଟ ପୋଲଟି ନିକଟରେ ଭାଙ୍ଗି ଦିଆଯାଇଛି। ଠିକାଦାର କାମ କରିବା ବାହାନାରେ ଦିନ ଗଡ଼ାଇ ଚାଲିଛନ୍ତି ବୋଲି ଅଭିଯୋଗ ହେଉଛି। ଫଳରେ ଅସ୍ଥାୟୀ ଭାବେ କେନାଲ ଉପରେ ବାଉଁଶ ଓ ଦୁଇ ଖଣ୍ଡ ଭଙ୍ଗାପଟା ଦେଇ ଅସ୍ଥାୟୀ ପୋଲ କରାଯାଇ ଲୋକେ ପାର ହେଉଛନ୍ତି। ଗାଁ ମୁଣ୍ଡରେ ଥିବା ହନୁମାନ ମନ୍ଦିରଠାରୁ ଚକବେନ୍ତାଳ, ହରଚଣ୍ଡି ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଦୁରବସ୍ଥା କହିଲେ ନ ସରେ। ସାମାନ୍ୟ ବର୍ଷା ହେଲେ ରାସ୍ତା କର୍ଦ୍ଦମାକ୍ତ ହୋଇଯିବା ସହ ଖସରା ହୋଇଯାଉଛି। ଫଳରେ ଏହି ରାସ୍ତା ଦେଇ ପିଲାଙ୍କୁ ସ୍କୁଲ ପଠାଇବାକୁ ଅଭିଭାବକ ଅମଙ୍ଗ ହେଉଛନ୍ତି। ଦୈନିକ ଏହି ରାସ୍ତା ଉପରେ ଉକ୍ତ ଦୁଇ ଗାଁ ବ୍ୟତୀତ ପାଢୀସାହି, ଜେନାସାହି, ଗାହାଣସାହିର ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତାୟାତ ଲାଗି ନିର୍ଭର କରନ୍ତି। ଏହି ୨ କି.ମି. ରାସ୍ତା ସମସ୍ୟା କାରଣରୁ ଅନେକ ସମୟରେ ବାଇକ୍ ଓ ସାଇକେଲ ଆରୋହୀ ହଇରାଣ ହେଉଛନ୍ତି। ଏପରିକି ସେମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବାର ନଜିର ରହିଛି। ନିକଟରେ ବୁଲୁ ଜେନା ନାମକ ଜଣେ ଯୁବକ ପଡ଼ି ଦୁଇ ହାତ ଭାଙ୍ଗିଯିବାରୁ ଅସ୍ତ୍ରୋପଚାର କରିବାକୁ ପଡ଼ିଥିଲା ବୋଲି ଜଣାପଡ଼ିଛି। ଅନ୍ୟପକ୍ଷେ ଗାଁ ମୁଣ୍ଡରେ ଥିବା ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟ ଭାଙ୍ଗିରୁଜି ଯାଇଥିବା ବେଳେ କାନ୍ଥ ସାରା ଫାଟ ସୃଷ୍ଟି ହୋଇଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ସ୍କୁଲ ଗୃହ ତୁରନ୍ତ ନିର୍ମାଣ କରାଯିବାକୁ ଦାବି କରାଯାଇଛି। ଗ୍ରାମର ରାସ୍ତା ସମସ୍ୟା ଯୋଗୁ ରୋଗୀମାନେ ଠିକ୍ ସମୟରେ ଭଦ୍ରକ ଡାକ୍ତରଖାନାରେ ପହଞ୍ଚି ପାରୁନାହାନ୍ତି। ଗାଁକୁ ଅଟୋ ଭଡ଼ାରେ ଯିବାକୁ ଚାଳକ ଅମଙ୍ଗ ହୁଅନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ଗାଁର କୈଳାସ ଚନ୍ଦ୍ର ଗିରି, ରମେଶ ଚନ୍ଦ୍ର ଗିରି, ପଦ୍ମାରବିନ୍ଦ ସେନାପତି, ଲକ୍ଷ୍ମୀକାନ୍ତ ଘଡ଼େଇ, ରମେଶ ଜେନା, ବାମନ ଚନ୍ଦ୍ର ଜେନା, ଦୈତାରୀ ଜେନା, ମନୋଜ ଗିରି, ଚରଣାବିନ୍ଦ ସେନାପତି, ଧ୍ରୁବଚରଣ ଗିରି ଓ ବାବୁ କର ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସ କହିଛନ୍ତି, ଏବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ କୌଣସି କାର୍ଯ୍ୟ କରାଯାଇପାରିବ ନାହିଁ। ନିର୍ବାଚନ ପରେ ଗ୍ରାମବାସୀଙ୍କ ସମସ୍ୟା କଥା ବୁଝାଯିବ।



ବିପଦସଙ୍କୁଳ ଭାବେ ପଟାପୋଲ ଦେଇ ଜଣେ ବାଇକ୍ ଧରି ପାର ହେଉଛନ୍ତି।

- ଜଗନ୍ନାଥପୁର ଓ ଚକବେନ୍ତାଳ ଗାଁ
- ପ୍ରଶାସନ ହାତପାହାନ୍ତାରେ ପହଞ୍ଚିପାରିନି ବିକାଶ



ଗାଁ ମୁଖ୍ୟରାସ୍ତାରେ ଖାଲଖମାରେ ପାଣି ଜମି ରହିଛି।

## ଇସ୍ତଫା ଦେଲେ ଜିଲା ବିଜେଡି ସମ୍ପାଦକ ସେକ୍ ଜଲାଲଉଦ୍ଦିନ

ବନ୍ତ, ୨୨।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବିଜେଡି ସମ୍ପାଦକ ଓ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ପଦରୁ ସେକ୍ ଜଲାଲଉଦ୍ଦିନ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ସୋମବାର ବନ୍ତଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିବା ସହ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଇସ୍ତଫାପତ୍ର ପଠାଇଛନ୍ତି। ସେ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି ଯେ, ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଦୀର୍ଘ ୪୫ ବର୍ଷ ଧରି ଦଳରେ କାର୍ଯ୍ୟ କରିଆସୁଥିବା ବେଳେ ତାଙ୍କୁ ବିଭିନ୍ନ ସମୟରେ ଅଣଦେଖା କରାଯାଇଛି। ଦଳ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଅସମ୍ମାନିତ କରାଯିବା ସହ ମନମୁଖୀ ଭାବେ କାର୍ଯ୍ୟ କରାଯାଉଛି। ଗତ ୧୦ବର୍ଷ ମଧ୍ୟରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀରେ କୌଣସି ଜନହିତକର କାର୍ଯ୍ୟ ହୋଇପାରି ନାହିଁ। ବିଶେଷକରି ବନ୍ତ ସଦରମହକୁମାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ, ସ୍ଥାୟୀ ଡାକ୍ତର ନିଯୁକ୍ତି, ଦମକଳ କେନ୍ଦ୍ର ଓ ଟ୍ରେଜେରୀ ଅଫିସ ପ୍ରତିଷ୍ଠା ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରି ନାହିଁ। ଏହାଦ୍ୱାରା ବିଜେଡି ଲୋକପ୍ରିୟତା ହରାଇଛି। ଏହିସବୁ କାରଣରୁ ଦଳୀୟ ପଦବୀରୁ ସେ ଇସ୍ତଫା ଦେଇଛନ୍ତି। ସେକ୍ ଜଲାଲଉଦ୍ଦିନଙ୍କ ସହିତ ନିଳୋକ ପଞ୍ଚାୟତ ବିଜେଡିର ସଦସ୍ୟ ପ୍ରଫୁଲ୍ଲ ପାତ୍ର ଓ ବରିଷ୍ଠ କର୍ମୀ ମହେଶ୍ୱର ମାଝି ଦଳରୁ ଇସ୍ତଫା ଦେଇଛନ୍ତି।



ଖବରଦାତା ସମ୍ମଳନୀରେ ଜିଲା ବିଜେଡି ସମ୍ପାଦକ ସେକ୍ ଜଲାଲଉଦ୍ଦିନ (ମଝି) ଓ ଅନ୍ୟମାନେ।

## ସୁନାମୁହିଁ ପୀଠରେ ସରିଲା ଚଡ଼କଯାତ୍ରା

ଭଣ୍ଡାରିପୋଖରୀ, ୨୨।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ନିକଟସ୍ଥ ବୈତରଣୀ ନଦୀପଠାସ୍ଥିତ ମା' ସୁନାମୁହିଁ ପୀଠରେ ପଣା ସଂକ୍ରାନ୍ତିଠାରୁ ଚାଲିଥିବା ଚଡ଼କ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଯାତ୍ରାରେ ପ୍ରତ୍ୟହ ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂଜା କମିଟି ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ପୂଜାକାର୍ଯ୍ୟ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅପେରା, ମେଲୋଡ଼ି ଆୟୋଜନ କରାଯାଇଥିଲା। ଚଡ଼କ ଯାତ୍ରାରେ ମା'ଙ୍କ ପର୍ବର ଶେଷଦିନ ସକାଳୁ ଚରଖ ଖୁଣ୍ଟ ଉଠିଥିଲା। ଏଥିରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇ କାଳିସୀ ରୂପରେ ମା'ଙ୍କ ଦୋଳି ଖେଳ ହୋଇଥିଲା। ମା' ଦୋଳି ଖେଳି ସାରିବା ପରେ ପାଟୁଆ, ଦେହୁରୀ ଓ ଲୋକେ ଖେଳିଥିଲେ। କମିଟି ସଭାପତି ଗୋଲକ ବେହେରା, ସମ୍ପାଦକ ଉମାକାନ୍ତ ଜେନା, ଅନନ୍ତ ଚରଣ ଜେନା, ଅନିରୁଦ୍ଧ ଜେନା, କମିଟିର ସମସ୍ତ ସଭ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ମେଳା ଅନୁଷ୍ଠିତ ହୋଇଥିଲା।

## ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବନ୍ତ, ୨୨।୪ (ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ହଳଦୀ ପହଣୀ ମୌଜାର ବିଲ ମଝିରେ ଥିବା ଏକ ଆମ୍ବ ଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ସୋମବାର ମଧ୍ୟାହ୍ନରେ ଉଦ୍ଧାର କରିଛି। ମୃତଦେହ ମହାନ୍ତିପଡା ଗ୍ରାମର ଅଜୟ ମହାରଣାଙ୍କ ସ୍ତ୍ରୀ ଶକୁନ୍ତଳାଙ୍କର ହୋଇଥିବା ଚିହ୍ନଟ ହୋଇଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ. ୭/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ସୂଚନା ଅନୁସାରେ, ମହାନ୍ତିପଡ଼ା ଗ୍ରାମର ଅଜୟ ୨୦ବର୍ଷ ତଳେ ବାଲେଶ୍ୱର ଜିଲା ଖଇରା ଥାନା ଅନ୍ତର୍ଗତ ବଡକମାରୀ ଗ୍ରାମର ଅର୍ଜୁନ ବେହେରାଙ୍କ ଝିଅ ଶକୁନ୍ତଳା(୪୨)ଙ୍କୁ ବିବାହ କରିଥିଲେ। ଶକୁନ୍ତଳା ଗତ ରବିବାର ସକାଳେ ବାପଘର ବଡକମାରୀ ଗ୍ରାମକୁ ଯାଇଥିଲେ। ସେଠାରେ କିଛି ସମୟ ରହିବା ପରେ ସେ ଶାଶୁଘରକୁ ଫେରିଥିଲେ ହେଁ ସନ୍ଧ୍ୟା ସୁଦ୍ଧା ପହଞ୍ଚି ନ ଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସୋମବାର ମଧ୍ୟାହ୍ନରେ ବିଲ ମଝିରେ ଆମ୍ବଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ଏନେଇ ଶକୁନ୍ତଳାଙ୍କ ଭାଇ ଅଭିମନ୍ୟୁ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ୪ ବଖରା ଜଳିଗଲା

ଭଣ୍ଡାରିପୋଖରୀ, ୨୨।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ଗ୍ରାମରେ ସୋମବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୨ ପରିବାରଙ୍କ ୪ ବଖରା ଘର ଜଳିଯାଇଛି। ଗ୍ରାମର ସୁରେନ୍ଦ୍ର ରାଉତ ଓ ବିଶ୍ୱନାଥ ରାଉତଙ୍କ ୨ ବଖରା ଲେଖାଏ ପୋଡ଼ିଯାଇଛି। ସେମାନଙ୍କ ଘରର ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସୁରେନ୍ଦ୍ର ଆହତ ହୋଇଛନ୍ତି। ଚୁଲି ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଖବର ପାଇ ମାଳଦା ସମବାୟ ସମିତି ସଭାପତି ଅରବିନ୍ଦ ନାୟକ ଯାଇ ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବାକୁ ଦାବି କରାଯାଇଛି।

## ବୈଶାଖର ଦ୍ୱିତୀୟ ସୋମବାର

# ଜଳଲାଗି କଲେ ଶତାଧିକ ଗୋପାଳ

ଆରଡ଼ି, ୨୨।୪ (ଡି.ଏନ.ଏ.)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ବୈଶାଖ ମାସର ଦ୍ୱିତୀୟ ସୋମବାର ଶତାଧିକ ଗୋପାଳ ଜଳଲାଗି କରିଛନ୍ତି। ଭୋର ୫ଟାରେ ମନ୍ଦିରରେ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ପରେ ବିଧି ଅନୁସାରେ ବାବାଙ୍କର ଅନ୍ୟାନ୍ୟ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ବେଢ଼ା ଓ ବେଢ଼ା ବାହାରେ ପ୍ରତୀକ୍ଷା କରିଥିବା ଗୋପାଳମାନେ ଜଣଙ୍କ ପରେ ଜଣେ ଶୃଙ୍ଖଳାର ସହ ମନ୍ଦିର ଗମ୍ଭୀରା ଗୃହକୁ ପାଣିଭାର ନେଇ ପ୍ରବେଶ କରିଥିଲେ। ସେଠାରେ ଥିବା ପୂଜକମାନେ ଗୋପାଳଙ୍କଠାରୁ ପାଣି ନେଇ ବାବାଙ୍କ ମସ୍ତକରେ ଢାଳିଥିଲେ।

ଉଲ୍ଲେଖନୀୟ ଯେ, ବୈଶାଖ ମାସର ପ୍ରତ୍ୟେକ ସୋମବାର ଓ ଅନ୍ୟ ବାରରେ ଆଖପାଖ ଗାଁର ଗୋପାଳ ରବିବାର ରାତିରୁ ବୈତରଣୀ ନଦୀରୁ ଜଳଭାର ଆଣି ପୀଠକୁ ଯାଇଥାନ୍ତି। ବୈଶାଖ ମାସରେ ପ୍ରଚଣ୍ଡ ଖରା ହେଉଥିବାରୁ ବାବାଙ୍କ ଶୀତଳ ଉପଚାର ପାଇଁ ପୂର୍ବରୁ ଏଠାରେ ଏଭଳି ଜଳଲାଗି ବ୍ୟବସ୍ଥା ରହିଆସିଛି ବୋଲି ବାବା ଆଖଣ୍ଡଳମଣି ବାରପଡ଼ା ଆଞ୍ଚଳିକ ଯାଦବ ମହାସଭା ସମ୍ପାଦକ ସତ୍ୟଜିତ ପଲାଇ କହିଛନ୍ତି। ବୈତରଣୀ ନଦୀରେ କୁମ୍ଭୀର ଥିବାରୁ ଗୋପାଳମାନେ ଷାଠିବାଙ୍କୁଡା, ବୋଡ଼କ ଆଦି ନଦୀଘାଟରେ ପୂର୍ବରାତିରୁ ଡଙ୍ଗା ବାନ୍ଧି ରଖୁଛନ୍ତି ଓ ସେଠାରୁ ପାଣି ଉଠାଉଛନ୍ତି। କୁମ୍ଭୀର ଡଙ୍ଗା ନିକଟକୁ ଆସେ ନାହିଁ ତଥାପି ଏହା ବିପଦମୁକ୍ତ ନୁହେଁ ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ବିଭିନ୍ନ ନଦୀଘାଟରେ ତାରଜାଲି ବାନ୍ଧିବା ଉଚିତ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।



ଜଳଲାଗି ପାଇଁ ଗୋପାଳମାନେ ଧାଡ଼ିରେ ଠିଆ ହୋଇଛନ୍ତି।

## ସେଲ୍ଫି କର୍ଣ୍ଣର



ସୁମିତ୍ରା



ଦୀପୁ



ଜ୍ୟୋତି



ସାନୁ



ମନୁ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

**ସଂକ୍ଷେପରେ**



## ବିଶ୍ୱ ଧରିତ୍ରୀ ଦିବସ ପାଳିତ

**ଚମ୍ପୁଆ,୨୨।୪(ଡି.ଏନ.ଏ.)**- ଚମ୍ପୁଆ ରେଞ୍ଜ କାର୍ଯ୍ୟାଳୟଠାରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ପରିବେଶର ସନ୍ତୁଳନ ଓ ଗ୍ଲୋବାଲ ଉଷ୍ମତାକୁ ରୋକିବା ପାଇଁ ବିଶ୍ୱ ସମୁଦାୟ ଏବେ ଏକ ହୋଇଥିବା ବେଳେ ବିଶ୍ୱବାସୀଙ୍କ ମଧ୍ୟରେ ସଚେତନା ସୃଷ୍ଟି କରିବା ଆବଶ୍ୟକ ହୋଇପଡିଛି। ବୃକ୍ଷ ରୋପଣ ଦ୍ୱାରା ବିଶ୍ୱ ଉଷ୍ମତାକୁ ରୋକା ଯାଇପାରିବ ବୋଲି ପ୍ରଗତିଶୀଳ ରାଷ୍ଟ୍ର ସମୁହ ମତ ପୋଷଣ କରିଛନ୍ତି। କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶିଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ରଙ୍କ ତତ୍ତ୍ୱାବଧାନରେ ୫ଟି ସେକ୍ସନର ଫରେଷ୍ଟ ଅଫିସର,ଫରେଷ୍ଟ ଗାର୍ଡ,ସ୍କାଡ ପ୍ରମୁଖ ଯୋଗଦେଇ ସଚେତନତା ରାଲି ମଧ୍ୟମରେ ଧରିତ୍ରୀ ଦିବସ ପାଳନ କରିଥିଲେ। ଏହି ସଚେତନତା ରାଲି ରେଞ୍ଜ କାର୍ଯ୍ୟାଳୟରୁ ବାହାରି ବଜାର ପରିକ୍ରମା କରି ସଚେତନତାର ବାର୍ତ୍ତା ବାଣ୍ଟିବା ସହିତ ଜନସାଧାରଣଙ୍କୁ ବୃକ୍ଷ ରୋପଣ କରିବା ପାଇଁ ପ୍ରବର୍ତ୍ତାଇଥିଲେ।

## ଆଜି ଭାଗ୍ୟ ନିର୍ଦ୍ଧାରଣ

**କେନ୍ଦୁଝର,୨୨।୪(ସ୍ୱ.ପ୍ର.)**- କେନ୍ଦୁଝର ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ଭୋଟ ଗ୍ରହଣ ହେବାକୁ ଯାଉଥିବା ବେଳେ ନୂଆ ଓ ପୁରୁଣା ନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ପୂର୍ବରୁ ଏକାଧିକ ଥର ପରାଜିତ ହୋଇଥିବା ନେତାଙ୍କ ପାଇଁ ଏହି ନିର୍ବାଚନ ଅଧିକ ଗୁରୁତ୍ୱପୂର୍ଣ୍ଣ। ସେହିପରି କେତେକଙ୍କ ଲାଗି ଏହା ଶେଷ ନିର୍ବାଚନ ହେବ ଓ ରାଜନୈତିକ ଜୀବନରେ ପୂର୍ଣ୍ଣଛେଦ ପଡିବ ବୋଲି ଆଲୋଚନା ହେଉଛି। ତେବେ ନବାଗତ ପ୍ରାର୍ଥୀନୀଙ୍କ ପାଇଁ ରାଜନୈତିକ ଜୀବନରେ ପାଦ ଦେବା ଏକ ସୁଯୋଗ ହେବ ବୋଲି ଆଲୋଚନା ହେଉଛି। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ପାଇଁ ଏହି ନିର୍ବାଚନ ସମ୍ମାନର ବିଷୟ ହେବ। ଘଷିପୁରାରେ ବଦ୍ରି ଓ ନିରଞ୍ଜନଙ୍କ ମଧ୍ୟରେ ଜୋରଦାର ଲଢେଇ ହେବାକୁ ଯାଉଛି। ସେହିପରି ଆନନ୍ଦପୁରରେ ଜୟଦେବଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ ବିଧାୟକ ବିଜେଡିର ଭାଗିରଥୀ ସେଠୀ। ଏଣୁ ଉଭୟଙ୍କ ପାଇଁ ଏହି ନିର୍ବାଚନ ସମ୍ମାନଜନକ ବୋଲି କୁହାଯାଉଛି। ଏହା ବ୍ୟତୀତ ନିର୍ବାଚନକୁ ଓହ୍ଲାଇ ଥିବା ପୂର୍ବତନ ଏମପି ଅନନ୍ତ ନାୟକ ଏଥର ମଧ୍ୟ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ପୂର୍ବତନ ଏମପି ମାଧବ ସର୍ଦ୍ଦାର ସଦର ବିଧାନସଭା ଆସନରୁ ବିଜେଡି ପକ୍ଷରୁ ନିର୍ବାଚନ ଲଢୁଛନ୍ତି। ତାଙ୍କର ଲଢେଇ ପୂର୍ବତନ ବିଧାୟକ ଭାଜପା ପ୍ରାର୍ଥୀ ମୋହନ ମାଝୀଙ୍କ ସହିତ ହେବ। ଏହି ନିର୍ବାଚନ ଉଭୟଙ୍କ ପାଇଁ ଗୁରୁତ୍ୱ ବହନ କରୁଛି। ତେଲକୋଇରେ ପୂର୍ବତନ ବିଧାୟକ ଭାଜପା ପ୍ରାର୍ଥୀ ଧନୁର୍ଜ୍ଜୟ ସିଦ୍ଧୁ ଓ ପୂର୍ବତନ ବିଧାୟକ ବିଜେଡି ପ୍ରାର୍ଥୀ ପ୍ରେମାନନ୍ଦ ନାୟକଙ୍କ ସହ କଡା ମୁକାବିଲା ହେବ। ଚମ୍ପୁଆରେ ଭାଜପା ପୁଣି ଥରେ ପ୍ରାର୍ଥୀ କରିଥିବା ମୂରଲୀ ମନୋହର ଶର୍ମାଙ୍କ ପାଇଁ ଏହି ନିର୍ବାଚନ ଅଧିକ ଗୁରୁତ୍ୱ ବହନ କରୁଛି। ତାଙ୍କ ବିରୋଧରେ ପ୍ରଥମଥର ପାଇଁ ନିର୍ବାଚନ ଲଢୁଛନ୍ତି ବିଜେଡିର ମୀନାକ୍ଷୀ ମହାନ୍ତ ଓ କଂଗ୍ରେସ ପ୍ରାର୍ଥୀ ଯଦୁମଣୀ ବାରିକ।

## ଆଦର୍ଶ ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାଲିଆପାଳ, ୨୨।୪(ଡି.ଏନ.ଏ.)**-ଆଦର୍ଶ ଶିକ୍ଷକ ପଦ୍ମଲୋଚନ ପିଳାଙ୍କ ଶ୍ରଦ୍ଧାଞ୍ଜଳି ସଭା ରବିବାର ବାସୁଦେବପୁରସ୍ଥିତ ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପିଳା ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ସମାଜସେବୀ ଓ ସଙ୍ଗଠକ ଥିଲେ। ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ଭାବରେ କାର୍ଯ୍ୟ ତୁଲାଉଥିଲେ। ଏହି ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିଲେ। ଡା.ବଙ୍କିମ ଚନ୍ଦ୍ର ଜେନା, କଥାକାର କୁମାର ଚକ୍ରବର୍ତ୍ତୀ, ବିଜୟ ପାତ୍ର, ଯତୀନ୍ଦ୍ର ଜେନା, ସନ୍ନ୍ୟାସୀ ବେହେରା, ପ୍ରାକ୍ତନ ଅଧାପକ କୁଞ୍ଜକାନ୍ତ ପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପିଳାଙ୍କର ଆଦର୍ଶ କର୍ମମୟୀ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱର୍ଗତ ପିଳାଙ୍କ ପୁତ୍ର ସରୋଜ ପିଳା ଧନ୍ୟବାଦ ପ୍ରଦାନ କରିଥିଲେ।

■ ମିଳୁନି ପ୍ରୋତ୍ସାହନ ଓ ସହାୟତା

# ସଙ୍କଟରେ କୌଳିକ ବୃତ୍ତି

**କେନ୍ଦୁଝର, ୨୨।୪ (ସ୍ୱ.ପ୍ର.)**

ଖରା ଦିନ ଆସିଲେ ଟିକେ ଥଣ୍ଡା ପାଣି ପାଇଁ ଖୋଜା ପଡ଼େ ହାଣ୍ଡି, ମାଠିଆ, କଳସୀ। ସେତେବେଳେ କୁମ୍ଭକାରଙ୍କ କଥା ସମସ୍ତଙ୍କର ମନେ ପଡ଼େ। ଆଧୁନିକ ପ୍ଲାଷ୍ଟିକ, ଷ୍ଟିଲ, ସିଲଭର ବାସନ ଯୁଗରେ ଏହି ବେଉସା ବୁଡିଯିବାକୁ ବସିଥିଲେ ହେଁ ଅନେକ ଅଭାବ ସତ୍ତ୍ୱେ ବି କେତେଜଣ ନିଜର କୌଳିକ ବୃତ୍ତିକୁ ଛାଡି ପାରୁନାହାନ୍ତି। ସେମାନଙ୍କ ସମସ୍ୟା କେହି ବୁଝୁ ନାହାନ୍ତି କିମ୍ବା ସହାୟତା ମିଳୁନାହିଁ। ଅନେକେ ଅନ୍ୟ କାମ ଧନ୍ଦା କରି ଗୁଜୁରାଣ ମେଣ୍ଟାଉଛନ୍ତି। ରବିବାର ହେଲେ କେନ୍ଦୁଝର ସହର ରାସ୍ତାକଡରେ ଖରାରେ ହାଣ୍ଡି, କଳସୀ ଆଦି ଧରି ଗ୍ରାହକ ଅପେକ୍ଷାରେ ରହିଥାନ୍ତି। ଜିଲାର ହଳଧରପୁର, ବଙ୍କିବାରିଗାଁ, କରିଆ, ଟିକରପଡା, ଜାମୁନାଳିଆ, ଗୋପାଳପୁର, ପଣ୍ଡାପଡା ଆଦି ଅଞ୍ଚଳରେ ବହୁ କୁମ୍ଭକାର ଏହି ବୃତ୍ତି ଜାରି ରଖିଛନ୍ତି। ପ୍ରୋତ୍ସାହନ ମିଳୁନି ବୋଲି ଅନେକେ ଏହି ବୃତ୍ତିକୁ ଛାଡି ଅନ୍ୟ କାମଧନ୍ଦା କରୁଛନ୍ତି। ତେବେ



ପୂର୍ବପୁରୁଷର ଏହି କୌଳିକ ବୃତ୍ତିକୁ ଆମେ ଛାଡି ପାରୁନାହୁଁ ବୋଲି କୁମ୍ଭକାର ସମ୍ପ୍ରଦାୟର ବହୁ ପୁରୁଖା ଲୋକ ମତବ୍ୟକ୍ତ କରିଛନ୍ତି।

କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ କୁମ୍ଭକାରମାନେ ବସବାସ କରିଆସୁଛନ୍ତି। ସଦର ବ୍ଲକ ନେଲୁଙ୍ଗ ଗ୍ରାମରେ ପାଖାପାଖି ୩୦ ପରିବାର ଏହି କାମ କରୁଛନ୍ତି। କାଠ ଦର ମହଙ୍ଗା ହେବାରୁ ହାଣ୍ଡି, ମାଠିଆ ଆଦିର ଗଢା ଖର୍ଚ୍ଚ ବଢିଲା। ସେହିପରି ପ୍ଲାଷ୍ଟିକ,ସିଲଭର ବାସନ କୁସନ ସାମଗ୍ରୀର ବହୁଳ ବ୍ୟବହାର ହେବାରୁ ମାଟି ସାମଗ୍ରୀର ଚାହିଦା ମଧ୍ୟ କମିଛି। ଫଳରେ ଏହି ବୃତ୍ତି ଏବେ ସଙ୍କଟରେ।

ଆମକୁ ଭତ୍ତା ମିଳୁନାହିଁ। ବ୍ୟାଙ୍କରୁ ଋଣ ଆଣୁଛୁ ଓ ପ୍ରଶାସନ କିଛି ସହାୟତା ଦେଉନି ବୋଲି ସଦର ବ୍ଲକ ନେଲୁଙ୍ଗ ଗ୍ରାମର ଦେବେନ୍ଦ୍ର ରଣା କହିଛନ୍ତି। ଅନ୍ୟ ଅଞ୍ଚଳ ଭଳି ସେମାନଙ୍କୁ ତାଲିମ ମିଳିଲେ ମାଟିରୁ ଟେରାକୋଟା ଭଳି ସୌଖୀନ ସାମଗ୍ରୀ ପ୍ରସ୍ତୁତ କରିପାରନ୍ତେ ବୋଲି ସେ କହିଛନ୍ତି।

୮/୧୦ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ମାଟି ସାମଗ୍ରୀ ବିକ୍ରି ହେଉଛି। ଏଥିରୁ ସପ୍ତାହରେ ୧ ହଜାରରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର ହେଉଛି। ଭାର କିମ୍ବା ଅଟୋରେ ସାମଗ୍ରୀ ସବୁ ବିକ୍ରି କରିବାକୁ ନେବାକୁ ପଡୁଛି। ବିକ୍ରି ନ ହୋଇ ବଳକା ରହିଲେ ବହୁ କମ୍ ଦାମ୍‌ରେ ବିକିବାକୁ ପଡୁଥିବା ଏବଂ ଭାଙ୍ଗିଗଲେ କ୍ଷତି ହୋଇଥାଏ ବୋଲି କହିଛନ୍ତି ନେଲୁଙ୍ଗ ଗ୍ରାମର ଚକ୍ରଧର ରଣା। କେବଳ ରବିବାର ହାଟରେ କେନ୍ଦୁଝର ସହରକୁ ଆଣି ବିକୁଛୁ ଏବଂ କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛୁ ବୋଲି ଅନେକ କୁମ୍ଭକାର କହିଛନ୍ତି। ମାଟି ନିଜେ ଆଣୁଛୁ ଓ କାଠ ଜଙ୍ଗଲରୁ ପାଉଛୁ। ଏଣୁ ଏହି ବେଉସାକୁ ଛାଡି ପାରୁନାହୁଁ। ଆମ ପରେ ପିଲାମାନେ ଆଉ ଏହି ବୃତ୍ତି କରିବେ ନାହିଁ ବୋଲି ଗୋପାଳପୁର ଗ୍ରାମର ୭୦ ବର୍ଷୀୟ ଗୋବିନ୍ଦ ବେହେରା କହିଛନ୍ତି।

■ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ୍

**କେନ୍ଦୁଝର, ୨୨।୪(ସ୍ୱ.ପ୍ର.)**

ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲାର ବିଚାର କରି ସ୍ଥାନୀୟ ସିଜେଏମ ତିରନ ପାତ୍ର ଅଭିଯୁକ୍ତ ରଇଦାସ ମୋଦି (୨୮)ଙ୍କୁ ୧୦ବର୍ଷ ଜେଲଦଣ୍ଡ ସହ ୧୭ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ୧୦ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ସଦର ଥାନା ଅଞ୍ଚଳର ଜଣେ ୨୧ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀଙ୍କ ଦୁଇଟି ଯାକ ଗୋଡ ପୋଲିଓ ଆକ୍ରାନ୍ତ ଯୋଗୁ ସେ ଚଲାବୁଲା କରିପାରନ୍ତି ନାହିଁ। ଯୁବତୀଙ୍କ ବାପାଙ୍କ ଦେହ ଅସୁସ୍ଥ ଥିବାରୁ ପରିବାର ଲୋକ ଚିକିତ୍ସା ପାଇଁ ତାଙ୍କୁ କଟକ ନେଇ ସେଠାରେ ଚିକିତ୍ସା କରୁଥିଲେ। ଯୁବତୀ ଜଣକ ଘରେ ଏକୁଟିଆ ରହୁଥିଲେ। ସେ ଘଟଣା ଦିନ ରାତିରେ ଏକୁଟିଆ ଘରେ ଶୋଇ ଥିବା ବେଳେ ରଇଦାସ ନାମକ ଯୁବକ ତାଙ୍କ ଘରେ ପଶି ପାଟିରେ ଲୁଗା ବିଣ୍ଡା ଦେଇ ବଳାତ୍କାର କରିଥିଲେ। ସେ ବିରୋଧ କରିବାରୁ ବଳାତ୍କାରୀ ମାରିଦେବାକୁ ଭୁଜାଲି ଦେଖାଇ ଧମକ ଚମକ ଦେଇଥିଲେ। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ବାପାଙ୍କ ମୃତ୍ୟୁ ହେବା ପରେ ପରିବାର ଲୋକେ ଘରକୁ ଫେରିଆସିଥିଲେ। ଘରେ ଯୁବତୀ ଅନ୍ତଃସତ୍ତ୍ୱା ଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଯୁବତୀଙ୍କୁ ପଚାରିବାରୁ ସେ ସବୁକଥା କହିଥିଲେ। ଏହାର ସମାଧାନ ପାଇଁ ଗ୍ରାମରେ ଏକ ସଭା ବସିଥିଲା। ବଳାତ୍କାରୀ ଯୁବକ ଗ୍ରାମଲୋକଙ୍କ ଆଗରେ ସବୁ ଦୋଷ ମାନିବା ସହ ତାଙ୍କୁ ବିବାହ କରିବେ ବୋଲି ରାଜି ହୋଇ ଯୁବତୀଙ୍କୁ ଘରକୁ ନେଇ ଯାଇଥିଲେ। ତେବେ ଘରେ ଉକ୍ତ ଯୁବତୀଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ତାଙ୍କ ଘର ଜାଣିବାକୁ ପାଇଥିଲେ। ଏହାର ସମାଧାନ ନ ହେବାରୁ ଯୁବତୀଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଣି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ସଦର ଥାନାରେ କେସ୍ ନମ୍ବର ୨୦୭/୯।୮।୨୦୧୬ରେ ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ସିଜେଏମ ଏହି ରାୟ ଶୁଣାଇଛନ୍ତି ବୋଲି ସରକାରୀ ଓକିଲ ଅଶୋକ ଦାସ ସୂଚନା ଦେଇଛନ୍ତି।

■ କାର୍ ଧକ୍କାରେ ପରିବା ବିକାଳୀଙ୍କ ମୃତ୍ୟୁ ନେଇ ଉତ୍ତେଜନା

# ରାଜନେତାଙ୍କ ଘର ଆଗରେ ମୃତଦେହ ରଖି ଧାରଣା

**ଆନନ୍ଦପୁର,୨୨।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା ସୁଢୁସୁଡିଆ ଛକଠାରେ ରବିବାର ବେପରୁଆ ଗାଡି ଚାଳନା ଯୋଗୁଁ ରାସ୍ତା କଡରେ ପରିବା ବିକୁଥିବା ପଞ୍ଚୁପଲୀର ରଞ୍ଜନ ଜେନା, ପଦ୍ମପୁରର ବଳରାମ ସାହୁ ଓ ଜଙ୍ଘାର ଗ୍ରାମର ଅନାଥ ଘଡେଇଙ୍କ ଉପରେ ଗାଡି ଚଢିଯାଇଥିଲା। ଏହି ଦୁର୍ଘଟଣାରେ ୩ ଜଣ ପରିବା ବିକାଳି ଗୁରୁତର ଆହତ ହୋଇଥିଲେ। ରବିବାର ବିଳମ୍ବିତ ରାତିରେ ସେମାନଙ୍କ ମଧ୍ୟରୁ ପଦ୍ମପୁରର ବଳରାମ ସାହୁଙ୍କ ମୃତ୍ୟୁ ଘଟିଛି। କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିବା ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଦେହ ଅଣାଯିବା ପରେ ଉତ୍ତ୍ୟକ୍ତ ଲୋକେ ଜଣେ ରାଜନେତାଙ୍କ ଦ୍ୱାରା ଦୁର୍ଘଟଣା ଘଟାଇଥିବା ଅଭିଯୋଗ କରି ସମ୍ପୃକ୍ତ ରାଜନେତାଙ୍କ ଘର ଆଗରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜନେତାଙ୍କ ପରିବାବର୍ଗ ମୃତକଙ୍କ ପରିବାରର ଜଣଙ୍କୁ ତାଙ୍କ କମ୍ପାନୀରେ ଚାକିରି ଏବଂ ଆବଶ୍ୟକ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମୃତଦେହକୁ ଉଠାଇ ନିଆଯାଇଥିଲା। ପରିବା ବ୍ୟବସାୟୀଙ୍କ ଉପରେ ଗାଡି ଚଢାଇ ଦିଆଯିବା ଘଟଣା ନେଇ ଆନନ୍ଦପୁର ଥାନା ଜଙ୍ଘାର ଗ୍ରାମର ଆହତ ପରିବା ବିକାଳି ଅନାଥ ଘଡେଇଙ୍କ ସ୍ତ୍ରୀ ବନିତା ଘଡେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତାହତ ପରିବା ବେପାରୀ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ସେମାନଙ୍କ ପରିବାରକୁ ସହାୟତା ପ୍ରଦାନ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

## ନିର୍ବାଚନରେ ବସ୍ ନିୟୋଜିତ
# ଅଟୋ ଭଡା ୧୫୦ ଟଙ୍କା

**ଯୋଡ଼ା, ୨୨।୪(ଡି.ଏନ.ଏ.)**

ନିର୍ବାଚନ ପାଇଁ ଯାତ୍ରୀମାନଙ୍କୁ ଆଜିଠାରୁ ଯୋଡାରେ ବସ୍ ନାହିଁ। ଫଳରେ ବସ୍ ନ ପାଇ ଯାତ୍ରୀମାନଙ୍କ ପାଇଁ ଅଟୋ ହିଁ ଭରସା ହୋଇଛି। ଯାତ୍ରୀମାନଙ୍କୁ କେନ୍ଦୁଝରକୁ ବସ୍ ଭଡାର ୩ ଗୁଣା ଦେବାକୁ ପଡୁଛି। ମଙ୍ଗଳବାର ନିର୍ବାଚନ ଥିବାରୁ ପ୍ରାୟ ସମସ୍ତ ବସ୍ ଓ ଅନ୍ୟାନ୍ୟ ଯାନବାହନ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଥିବାରୁ ଯାତ୍ରୀମାନେ ଏହି ଦୁର୍ଦ୍ଦଶା ଭୋଗୁଛନ୍ତି। ଯୋଡାରୁ କେନ୍ଦୁଝର, ଜୁରୁଡି, ବାମେବାରୀ, ବଡବିଲ, ଚମ୍ପୁଆ ଆଦି ଅଞ୍ଚଳକୁ ଯିବାକୁ ହେଲେ ଯାତ୍ରୀମାନଙ୍କୁ ଅଧିକ ଭଡା ଦେଇ ବିପଦପୂର୍ଣ୍ଣ ଭାବେ ଗୋଟିଏ ଅଟୋରେ ଯାଉଛନ୍ତି। କେନ୍ଦୁଝର ଅଭିମୁଖେ ଯାଉଥିବା ଯାତ୍ରୀ ମାନସ ସାହୁ, ଅନାମ ପାତ୍ର ଓ ଶରତ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, କେନ୍ଦୁଝରକୁ ବସଭଡା ୫୦ ଟଙ୍କା ଥିବା ବେଳେ ସେମାନଙ୍କଠାରୁ ଜୁଲମ କରି ଅଟୋ ଭଡା ୧୫୦ ଟଙ୍କା ନିଆଯାଉଛି। ଗୋଟିଏ ଅଟୋରେ ଡ୍ରାଇଭର ସହ ୪ ଜଣ ବସିବାର ନିୟମ ଥିଲେ ହେଁ ବିପଦପୂର୍ଣ୍ଣ ଭାବେ ୮ ଜଣ ଯାତ୍ରୀମାନଙ୍କୁ ବସାଇ ନିଆଯାଉଥିବା ଦେଖିବାକୁ ମିଳୁଛି। ଏପରି ଅବସ୍ଥା ଦେଖି ମହିଳା ଯାତ୍ରୀମାନେ ଯିବା ପାଇଁ ଉଚିତ ମଣି ନ ଥିଲେ ଏବଂ ଘରକୁ ଫେରିଯାଉଥିବା ଦେଖିବାକୁ ମିଳିଥିଲା। ବଡବିଲ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସବୁ ବସଗୁଡିକୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଯାତ୍ରୀମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସୋମବାରଠାରୁ ୧୫ଟି ବସ୍ ଚାଲିବା ପାଇଁ ଅନୁମତି ଦିଆଯାଇଛି।

# ବିପୁଳ ପରିମାଣର ମଦ ଜବତ



ଜବତ ମଦକୁ ଅବକାରୀ ବିଭାଗ ଯାଞ୍ଚ କରୁଛି।

**ଯୋଡ଼ା, ୨୨।୪(ଡି.ଏନ.ଏ)**

**ଅବକାରୀ ଚଢାଉ**

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ମଦ ବଣ୍ଟାଯିବା କାରବାରକୁ ରୋକିବା ପାଇଁ ଅବକାରୀ ବିଭାଗ ଧରପଗଡ଼ ଆରମ୍ଭ କରିଛି। ଯୋଡ଼ା ସହରରେ ଥିବା ଧରଣୀଧର ଛକ ନିକଟରେ ଅବକାରୀ ବିଭାଗର ଗୋଇନ୍ଦା ସଂସ୍ଥା ସୋମବାର ଅପରାହ୍ନରେ ଏକ ଗୋଦାମ ଘରେ ଚଢାଉ କରିଥିଲା। ଏହି ଗୋଦାମ ଘରୁ ବିପୁଳ ପରିମାଣର ବିଦେଶୀ ମଦ, ବହୁ ପେଟି ବିୟର ଜବତ କରିଥିଲା। ଅବକାରୀ ବିଭାଗର ସମ୍ବଲପୁରରୁ ଆସିଥିବା ଗୋଇନ୍ଦା ସଂସ୍ଥାର ଡେ଼ପୁଟି କମିଶନର ଦିଲିପ କୁମାର ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇ.ଆଇ.ଇ.ବି ର ଇନ୍ସପେକ୍ଟର ଇନଚାର୍ଯ ପ୍ରତାପ ଚନ୍ଦ୍ର ସାମଲ, କେନ୍ଦୁଝର ସଦର ଇନ୍ସପେକ୍ଟର ନିମାଇଁଚରଣ ସିଂଙ୍କ ସମେତ ବଡ଼ବିଲ ସବଇନ୍ସପେକ୍ଟର ଦେବରାଜ ଖମାରୀ ସଦଳବଳ ଏହି ଚଢାଉ କରିଥିଲେ। ଗୋଇନ୍ଦା ସଂସ୍ଥାର ଆଇଆଇସି ସାମଲ କହିଛନ୍ତି ଯେ,ଚୋରା ମଦ ଜବତ ହୋଇଥିବା ଗୋଦାମ ଘରଟି ସରକାରୀ ଜାଗାରେ ଅବସ୍ଥିତ ହୋଇଥିବାରୁ ଏହାର ମାଲିକାନା କାହାର ଜଣାପଡ଼ି ନାହିଁ। ଯୋଡ଼ା ରାଜସ୍ୱ ଅଧିକାରୀଙ୍କୁ ଏ ବାବଦରେ ବିଭାଗ ପକ୍ଷରୁ ତଦନ୍ତ ପାଇଁ କୁହାଯିବ ବୋଲି ସାମଲ ସୂଚନା ଦେଇଛନ୍ତି। ତେଣେ ଏହି ଚୋରା ମଦ କାରବାରର କିଙ୍ଗପିନ ଜଣେ ଅଣଓଡ଼ିଆ ତଥା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଆଗଧାଡ଼ିର ନେତାଙ୍କ ଭାଇ ବୋଲି ଯୋଡ଼ା ବଜାରରେ ଚର୍ଚ୍ଚା ହେଉଛି। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଆନ୍ତଃରାଜ୍ୟ ଚୋରା ଓ ନକଲି ମଦ କାରବାର ସଂପର୍କରେ ବହୁ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି।

# କାଳବୈଶାଖୀ ଉଡାଇନେଲା ଆଜବେଷ୍ଟସ୍

**ତେଲକୋଇ, ୨୨।୪(ଡି.ଏନ.ଏ.)**

ତେଲକୋଇ ଅଞ୍ଚଳରେ ରବିବାର ମଧ୍ୟରାତ୍ରିରେ କାଳବୈଶାଖୀ ଯୋଗୁ ପ୍ରବଳ ବର୍ଷା ହୋଇଥିଲା। ଝଡ ତୋଫାନରେ କ୍ଷୀରୋଦ ସେଠୀ ଓ ଅଶ୍ୱିନୀ ସେଠୀଙ୍କ ଘର ଆଜବେଷ୍ଟସ୍ ଉଡିବା ଯୋଗୁ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଫଳରେ ଉକ୍ତ ପରିବାରର ୯ଜଣ ଲୋକେ ଏବେ ଗ୍ରାମ ମଣ୍ଡପରେ ପଡିରହିଛନ୍ତି। ସେହିପରି ଆକୁଳ ପଂଚାୟତ ମଲଣ୍ଡା ଗ୍ରାମରେ ବାଗୁନୁ ମୁଣ୍ଡାଙ୍କର ଘର ଆଜବେଷ୍ଟ ଉଡିଯିବା ଯୋଗୁ ୮ଜଣ ଲୋକ ଅନ୍ୟଜଣଙ୍କ ପିଣ୍ଡାରେ ଆଶ୍ରୟ ନେଇଛନ୍ତି। ଏନେଇ ତହସିଲଦାରଙ୍କଠାରେ ସୋମବାର ଅଭିଯୋଗ ହୋଇଛି। ଅଦ୍ୟାବଧି କୌଣସି ସହାୟତା ମିଳିନାହିଁ।

**ଖୋଲା ଆକାଶ ତଳେ ୩ ପରିବାର**



ଝଡ଼ ବର୍ଷାରେ ଘରର ଆଜବେଷ୍ଟସ୍ ଉଡ଼ିଯାଇଛି।

ତେବେ ତହସିଲ ବିଭାଗ ପକ୍ଷରୁ ସହାୟତା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିବା ତହସିଲଦାର ଅଶ୍ୱିନୀ କୁମାର ନାଏକ କହିଛନ୍ତି।

# ଆଜି ୮ ପ୍ରାର୍ଥୀଙ୍କ ଭାଗ୍ୟପରୀକ୍ଷା

**ପାଟଣା, ୨୨।୪(ସ୍ୱ.ପ୍ର.)**

**ପାଟଣା ନିର୍ବାଚନମଣ୍ଡଳୀ**

■ ୨୭୩ ମତଦାନ କେନ୍ଦ୍ର, ୧ଲକ୍ଷ ୯୩ ହଜାରରୁ ଊର୍ଦ୍ଧ୍ୱ ମତଦାତା

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ଭୋଟ ଗ୍ରହଣ ହେବ। ଏଥିରେ ୮ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ପାଟଣା ବ୍ଲକର ୨୦ଟି ପଞ୍ଚାୟତ,ସାହାରପଡା ବ୍ଲକର ୨୦ଟି, ଝୁମ୍ପୁରା ବ୍ଲକର ୧୦ ଓ ଚମ୍ପୁଆ ବ୍ଲକର ୬ଟି ପଞ୍ଚାୟତକୁ ମିଶାଇ ମୋଟ ୫୬ଟି ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନ ମଣ୍ଡଳୀର ୧ ଲକ୍ଷ ୯୩ ହଜାର ୭୯୪ ଜଣ ମତଦାତା ୨୭୩ ଟି କେନ୍ଦ୍ରରେ ମତଦାନ କରିବେ। ଏଥିମଧ୍ୟରୁ ମହିଳା ଭୋଟର ସଂଖ୍ୟା ୯୫ ହଜାର୨୦୨ ଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୯୮ ହଜାର ୫୯୨ଜଣ। ଏହି ନିର୍ବାଚନମଣ୍ଡଳୀ ରଣାଙ୍ଗନରେ ପ୍ରମୁଖ ବିଧାୟକ ପ୍ରାର୍ଥୀ ଭାବେ ବିଜେଡିରୁ ଜଗନ୍ନାଥ ନାଏକ, ଭାଜପାରୁ ଭବାନୀ ଶଙ୍କର ନାୟକ, କଂଗ୍ରେସରୁ ଇଂ ବିନୋଦ ବିହାରୀ ନାୟକ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଅଖିଳ ଚନ୍ଦ୍ର ନାଏକଙ୍କ ଭାଗ୍ୟପରୀକ୍ଷା ହେବ। ନିର୍ବାଚନକୁ ଅବାଧ ଓ ଶାନ୍ତି ପୂର୍ଣ୍ଣ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ୧୬୩୮ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୪୮ ଟି ସମ୍ବେଦନଶୀଳ ବୁଥ ଥିବାବେଳେ ୯ ଟି ଅତି ସମ୍ବେଦନଶୀଳ ବୁଥରହିଛି। ୨୫ ଟି କେନ୍ଦ୍ରରେ ସିସିଟିଭି ଲାଗିଥିବା ବେଳ ,୧୦ଟି କେନ୍ଦ୍ରରେ ଭିଡିଓ ଗ୍ରାଫି, ୫ଟି କେନ୍ଦ୍ରରେ ମାଇକ୍ରୋ ଅବଜରଭର ଓ ୧୮ ଟି ସ୍ଥାନରେ କେନ୍ଦ୍ରୀୟ ପୋଲିସ ବଳ ନିୟୋଜିତ ରହିବେ। ଏହି ନିର୍ବଚେନ ମଣ୍ଡଳୀରେ ୧୫ ଟି ମଡେଲ ବୁଥ ରହିଥିବା ବେଳେ ୨୭୩ନମ୍ବର ବୁଥ ପାଟଣା ୟୁପି ସ୍କୁଲରେ ଏକମାତ୍ର ସ୍ୱତନ୍ତ୍ର ମହିଳା ମତଦାନ କେନ୍ଦ୍ର ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଥିଲେ ହେଁ କେତେକ ମତଦାନ କେନ୍ଦ୍ରରେ କେବଳ ଗୃହରକ୍ଷୀଙ୍କ ଭରସାରେ ବୁଥ ଛାଡ଼ି ଦିଆଯାଇଛି।

# ଭୋଟ ବର୍ଜନ ଚେତାବନୀ

**ଝୁମ୍ପୁରା, ୨୨।୪ (ଡି.ଏନ.ଏ.)**

କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ମଲଦା ପଞ୍ଚାୟତର ଧୀବର ସାହି ବାସିନ୍ଦା ନାନା ସମସ୍ୟା ମଧ୍ୟରେ କାଳାତିପାତ କରୁଥିବା ବେଳେ ପ୍ରଶାସନ ସେମାନଙ୍କ କଥା ବୁଝୁ ନ ଥିବାରୁ ଏହି ଗାଁର ଲୋକେ ଭୋଟଦାନରୁ ବିରତ ରହିବେ ବୋଲି ଚେତାବନୀ ଦେଇଛନ୍ତି। ସୋମବାର ଗାଁ ପାଖ ନଦୀ କୂଳ ପଡିଆରେ ସାହି ବାସିନ୍ଦାଙ୍କ ଏକ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି।

ମଲଦା ପଞ୍ଚାୟତର ୩ନଂ ୱାର୍ଡରେ ଏହି ଧୀବର ସାହି ରହିଥିବା ବେଳେ, ଏଠାକାର ଲୋକ ସଂଖ୍ୟା ୪ଶହରୁ ଅଧିକ। ବୈତରଣୀ ନଦୀ କୂଳରେ ରହିଛି ଏହି ଧୀବର ସାହି। ଏଠାକାର କିଛି ଲୋକ ଚାଷ କରୁଥିବା ବେଳେ ଅନ୍ୟ କେତେଜଣ ନଦୀରୁ ମାଛ ମାରିବା, ମୂଲମଜୁରୀ ଏବଂ ହାଣ୍ଡିମାଠିଆ ଗଢି ବଜାରରେ ବିକି ସେମାନଙ୍କର ଜୀବନ ନିର୍ବାହ କରିଥାନ୍ତି। ତେବେ ପ୍ରଶାସନିକ ଅବହେଳା କାରଣରୁ ବର୍ଷ ବର୍ଷ ଧରି ଏହି ସାହିର ବାସିନ୍ଦା ନାନା ସମସ୍ୟାରେ ସନ୍ତୁଳି ହେଉଛନ୍ତି। ପଞ୍ଚାୟତ ଅଫିସଠାରୁ ୮କି.ମି ଦୂରରେ



ନଦୀରୁ ମହିଳାଙ୍କ ପାଣି ସଂଗ୍ରହ।

**ଅବହେଳିତ ଧୀବର ସାହି**

ସାହିଟି ରହିଥିବାବେଳେ ଏହାର ନିକଟସ୍ଥ ଗ୍ରାମ ଧନୁର୍ଜୟପୁର ହେଉଛି ୩କି.ମି ଦୂର। ଏହି ଧୀବର ସାହିକୁ ପହଞ୍ଚିବା ପାଇଁ ଏହି ୩ କି.ମି ରାସ୍ତା ଆଦୌନାହିଁ। ବର୍ଷା ଦିନରେ ଏହି ସାହିଟି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼େ। ସାହିର ଅନତିଦୂରରେ ଘଞ୍ଚ ଜଙ୍ଗଲ ରହିଥିବାରୁ ହାତୀ ଓ ଭାଲୁଙ୍କର ଚଳାଚଳ ବହୁ ସମୟରେ ରହିଥାଏ। ସ୍ୱାସ୍ଥ୍ୟ ସେବା ଏଠାରେ ଅପହଞ୍ଚ। ଆମ୍ବୁଲାନ୍ସ ସାହିକୁ ପହଞ୍ଚିପାରୁ ନ ଥିବାବେଳେ, ଏବେ ମଧ୍ୟ ଖଟିଆରେ ବୁହା ହୋଇ ପ୍ରସୂତି ଓ ରୋଗୀ ମଲଦା ପର୍ଯ୍ୟନ୍ତ ଆସିଥାନ୍ତି। ପାନୀୟ ଜଳ ସମସ୍ୟା ମଧ୍ୟ ବର୍ଷ ବର୍ଷ ଧରି ଲାଗି ରହିଛି। ବୈତରଣୀ ନଦୀ ପାର୍ଶ୍ୱରୁ ଚୁଆ ଖୋଳି ପାନୀୟ ଜଳ କଷ୍ଟ ମେଣ୍ଟାଇ ଥାନ୍ତି ସାହି ବାସିନ୍ଦା। ବିଦ୍ୟୁତ ସଂଯୋଗ ଅଛି, ହେଲେ ଏଠାକାର ଲୋକେ ମାସ ମାସ ଧରି ବିଜୁଳି ଆଲୋକରୁ ବଞ୍ଚିତ ହୋଇ ଆସୁଥିବା ଅଭିଯୋଗ କରିଛନ୍ତି। ଏନେଇ ସାହି ବାସିନ୍ଦା ରବି ଧୀବର, ଗୋବିନ୍ଦ ଧୀବର, ବିରଞ୍ଚି ଧୀବର, ଗୌର ଧୀବର, ରସା ଧୀବର, ମିଶ୍ର ଧୀବର ଭାଗିରଥି ଧୀବର, ଦୀପକ ଧୀବର, ଖଡି ଧୀବର, ଲିଟୁ ଧୀବର ଓ କୃଷ୍ଣ ଧୀବର ପ୍ରମୁଖ ବହୁଥର ପ୍ରଶାସନ ନିକଟରେ ଅଭିଯୋଗ କରିଥିବା ବେଳେ ପ୍ରଶାସନ ସବୁ ସମୟରେ କେବଳ ପ୍ରତିଶ୍ରୁତିରେ କାମ ଚଳାଇ ନେଇଛି। ଏତେ ସବୁ ପରେ କୌଣସି ସମସ୍ୟାର ସମାଧାନ ହେଉ ନ ଥିବାରୁ ସାହି ବାସିନ୍ଦା ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଏପ୍ରିଲ୍ ୨୩/୨୦୧୯ Balasore, Tuesday, April 23/ 2019


## ହରିଣର ମୃତଦେହ ଉଦ୍ଧାର

**ପାଟଣା,୨୨।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ରାଜନଗର ବିଟ ନୂଆଖମଣ ଢ଼ିପାସାହି ଗାଁ ପଡ଼ିଆରୁ ସୋମବାର ସକାଳୁ ଏକ ମୃତ ଅଣ୍ଡିରା ହରିଣ ଉଦ୍ଧାର ହୋଇଛି। ପାଟଣା ରେଞ୍ଜ କାର୍ଯ୍ୟାଳୟ ପରିସରରେ ମୃତ ହରିଣଟିକୁ ପ୍ରାଣୀ ଚିକିତ୍ସକ ମୀନକେତନ ପଣ୍ଡା ବ୍ୟବଚ୍ଛେଦ କରିବା ପରେ ରେଞ୍ଜ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିଲା। ହରିଣଟିର ବୟସ ଦେଢ଼ରୁ ଦୁଇ ବର୍ଷ ହେବ ବୋଲି ରେଞ୍ଜର ପବିତ୍ର ମୋହନ ନାୟକ ସୂଚନା ଦେଇଛନ୍ତି।



ମୃତ ହରିଣ।

ଖିରେଇଟାଙ୍ଗିରି ବନପାଳ ଅମୂଲ୍ୟ କୁମାର ସେନାପତି ଘଟଣା ସ୍ଥଳରେ ପହଞ୍ଚି ମୃତ ହରିଣକୁ ଜବତ କରିଥିଲେ। କୁକୁର କାମୁଡାରେ ହରିଣଟିର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ମୋଦିଙ୍କ ଗସ୍ତ ନେଇ ପ୍ରତିଦ୍ୱନ୍ଦ୍ୱୀ ଦଳରେ ଛକାପଞ୍ଝା

**ବାଲେଶ୍ୱର ଅଫିସ, ୨୨।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବାଲେଶ୍ୱର ଜିଲା ଗସ୍ତରେ ଆସୁଛନ୍ତି। ସେ ବସ୍ତା ବ୍ଲକ ବାହାର୍ଦ୍ଦାସ୍ଥିତ ସରକାରୀ କୃଷି ଫାର୍ମରେ ମଙ୍ଗଳବାର ଅପରାହ୍ନ ୧ଟା ୧୦ମିନିଟ୍ ସମୟରେ ହେଲିକପ୍ଟରରୁ ଅବତରଣ କରି ଆୟୋଜିତ ନିର୍ବାଚନୀ ସଭାରେ ଯୋଗ ଦେବେ। ପ୍ରଧାନମନ୍ତ୍ରୀ ୧ଟା ୨୦ମିନିଟ୍‌ରୁ ୨ଟା ପର୍ଯ୍ୟନ୍ତ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଭୋଟରମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଜନହିତକର ଯୋଜନାରେ ଭୋଟରମାନେ ଅନୁପ୍ରାଣିତ ହେବେ ବୋଲି ଜିଲାସଭାପତି ମଦନମୋହନ ଦତ୍ତ ଆଶା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବିଜେଡିର ଲୋକସଭା ପ୍ରାର୍ଥୀ ତଥା ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା କହିଛନ୍ତି, ମୋଦିଙ୍କ ଗସ୍ତ ଭୋଟରମାନଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଗତ ୨୦୧୪ ମସିହା ନିର୍ବାଚନରେ ମୋଦୀଙ୍କ ହାୱା ଅଧିକ ଥିଲା। ସେ ମଧ୍ୟ ବାଲେଶ୍ୱର ପ୍ରଚାର ପାଇଁ ଆସିଥିଲେ। କିନ୍ତୁ ପରିଣାମ ସେପରି କିଛି ମିଳି ନ ଥିଲା। ୧୯ବର୍ଷର ରାଜ୍ୟ ସରକାର ବାଲେଶ୍ୱରବାସୀଙ୍କ ପାଇଁ ବହୁ ଉନ୍ନତି ଯୋଜନାରେ କାମ କରିଛନ୍ତି। କୃଷକମାନଙ୍କ ପାଇଁ ଜଳପ୍ରକଳ୍ପ, ଫ୍ଲାଏ ଓଭରବ୍ରିଜ୍, ମେଡ଼ିକାଲ କଲେଜ, ଉଡ଼ନ୍ତାପୋଲ, ଗମନାଗମନ ପାଇଁ ରାସ୍ତା, ପଞ୍ଚାୟତସ୍ତରରେ ପାନୀୟ ଜଳଯୋଗାଣ ସହିତ ରିଂରୋଡ୍‌ର ପରିକଳ୍ପନା ଏବଂ ୩୬ମାସ ମଧ୍ୟରେ ସୁବର୍ଣ୍ଣରେଖା ବନ୍ଦର ସମ୍ପୂର୍ଣ୍ଣ ହେଲେ ବାଲେଶ୍ୱର ବାଣିଜ୍ୟର ପେଣ୍ଠସ୍ଥଳୀ ହେବ। ୫୭୮୨.୬୫ କୋଟି ଟଙ୍କାର ନିର୍ମିତ ଏହି ବନ୍ଦର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୧୨ହଜାର ନିଯୁକ୍ତି ସୃଷ୍ଟି କରିବ। ପ୍ରାଥମିକ ସ୍ତରରେ ବନ୍ଦର କ୍ଷମତା ୨୫ ମିଲିୟନ୍ ମେଟ୍ରିକ୍ ଟନ୍ ରହିବ। ପରବର୍ତ୍ତୀ ସମୟରେ ଏହା ୮୦ ମିଲିୟନ୍ ମେଟ୍ରିକ୍ ଟନ୍ କ୍ଷମତା ସମ୍ପନ୍ନ ହେବ। ୬୦ହଜାର କୋଟି ଟଙ୍କାର ବନ୍ଦର ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବ। ଜିଲାର ଅର୍ଥନୈତିକ ବିକାଶ କେବଳ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ଭବ ବୋଲି ଜିଲାବାସୀ ଜାଣିଛନ୍ତି। ଆମେ କଥାରେ ନୁହେଁ, କାମରେ କରି ଦେଖାଇଛୁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସର ଲୋକସଭା ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ କହନ୍ତି, ରାଜ୍ୟରେ କଂଗ୍ରେସ ସରକାର ନ ଥିବା ଦିନରୁ ବାଲେଶ୍ୱରରେ ଶିଳ୍ପାୟନ ଠପ୍। ବେରୋଜଗାର ବଢ଼ି ଚାଲିଥିବାବେଳେ ମାଟିର ପୁଅ ଦାଦନ ଖଟିବା ପାଇଁ ସୁରଟ, ଗୁଜୁରାଟ, ଦିଲ୍ଲୀ, ବମ୍ବେରେ ପହଞ୍ଚୁଛି। ଚାଷୀମାନେ ଆଜି ବିକଳାଙ୍ଗ। ଋଣ ଚାପରେ ଆତ୍ମହତ୍ୟା କରୁଛନ୍ତି। ରାଜ୍ୟ ଓ କେନ୍ଦ୍ରସରକାର ଏଥିପ୍ରତି ଅବହେଳା କରି ଆସୁଛନ୍ତି। ୧୯ବର୍ଷର ଶାସନ ଭିତରେ ରାଜ୍ୟ ସରକାର ଏହାର ସମାଧାନ ନ କରିପାରି ଥିବା ବେଳେ ଲୋକମାନେ ପରିବର୍ତ୍ତନ ଚାହୁଁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଖାତିର୍ ନ କରି ବାଲେଶ୍ୱରବାସୀ ଏହାର ଜବାବ ଆସନ୍ତା ୨୯ ତାରିଖରେ ରଖିବେ ବୋଲି ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ବାଇକ ଚାଳକ ଗୁରୁତର

**ପାଟଣା,୨୨।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମିରିଗିଖୋଜି ଠାରେ ସୋମବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ହୋଇଥିବା ବ୍ୟକ୍ତି ଜଣକ ପାଟଣା ଥାନା ଚୁଟିଆପଶି ଗ୍ରାମର ରଞ୍ଜନ ବାରିକ। ରଞ୍ଜନ ନିଜ ହିରୋ ପାସନ ପ୍ରୋ ବାଇକରେ ନିଜ ଗ୍ରାମରୁ କୁଣ୍ଡଳା ଆଡ଼କୁ ଯାଉଥିବା ସମୟରେ ମିରିଗିଖୋଜି ବିରୋଳ ନଦୀ ବାଙ୍କ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା।

## ପ୍ରଚାର ବେଳେ ଉତ୍ତେଜନା

**ଚାନ୍ଦବାଲି, ୨୨।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅଧୀନ ଯଶୀପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ସୋମବାର ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର ହୋଇଥିଲା। ବିଜେଡି ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ସମର୍ଥକଙ୍କ ସହ କୁଦକାନ୍ଥି ନିକଟରୁ ଶୋଭାଯାତ୍ରାରେ ବାହାରି ଯଶୀପୁର ବଜାର ନିକଟରେ ପହଞ୍ଚିଥିଲେ। ତେବେ ଏଠାରେ କେତେକ ସ୍ଥାନୀୟ ଲୋକ ବିଧାୟକଙ୍କ ଗସ୍ତକୁ ବିରୋଧ କରିବା ଦେଖାଯାଇଥିଲା। ଏହାକୁ ନେଇ ଉଭୟ ପକ୍ଷରୁ ଟେକାପଥର ମାଡ଼ ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ବାଂଶଡ଼ା ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ତେବେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ବିଧାୟକ ଅନ୍ୟ ରାସ୍ତାରେ ବୁଲି ପ୍ରଚାର କରିଥିଲେ। ଶୋଭାଯାତ୍ରା ଯଶୀପୁର ବଜାର ଅତିକ୍ରମ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବିଧାୟକ ବ୍ୟୋମକେଶ ଶୋଭାଯାତ୍ରାରେ ଯଶୀପୁର ପଞ୍ଚାୟତର କୁଦକାନ୍ଥି, ଯଶୀପୁର, ବଳସାହି, ବାରାକୋହ୍ଲା ଆଦି ଗାଁ ପରିକ୍ରମା କରି ନିଜ ସପକ୍ଷରେ ପ୍ରଚାର କରିଥିଲେ। ବ୍ଲକ ବିଜେଡି ସଭାପତି ଦ୍ୱିଜବର ରାଉତ, ନରେଶ ମାଝି, ଶରତ ସାହୁଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ଦଳୀୟ ସମର୍ଥକ ଓ କର୍ମୀ ଶୋଭାଯାତ୍ରାରେ ସାମିଲଥିଲେ। ଗଣ୍ଡଗୋଳ ନେଇ ଉଭୟ ପକ୍ଷରୁ ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସନ୍ଧ୍ୟାରେ ଏସ୍‌ଡିପିଓ ଉମାଶଙ୍କର ମହାରଣା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

## ବାଇକ୍‌କୁ ପିଟିଲା ଡମ୍ଫର: ଯୁବକ ମୃତ

**ରୂପ୍‌ସା, ୨୨।୪(ଡି.ଏନ.ଏ.)**

ବାଲେଶ୍ୱର ୬୦ନଂ ଜାତୀୟ ରାଜପଥର ରୂପ୍‌ସା ଓ ହଳଦୀପଦା ମଝିରେ ଥିବା ପେଟ୍ରୋଲ ପମ୍ପ ନିକଟ ଡାଇଭର୍ସନଠାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଆରୋହୀଙ୍କୁ ଏକ ଡମ୍ଫର ଧକ୍କା ଦେବାରୁ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ରୂପ୍‌ସା ଥାନା ପୋଡ଼ାଡ଼ିହା ଗ୍ରାମର ବାବୁ ବେହେରା (୩୨)। ସେ ପେଟ୍ରୋଲ ଟାଙ୍କିକୁ ବାଇକ୍‌ରେ ତେଲ ପକାଇବା ପାଇଁ ଯାଇଥିଲେ। ଡାଇଭର୍ଶନଠାରେ ଦ୍ରୁତ ଗତିରେ ବେପରୁଆ ଗାଡ଼ି ଚାଳନା କରି ଯାଉଥିବା ଏକ ଡମ୍ଫର (ନଂ.ଓଆର୍‌୧୬ବି-୨୯୬୭) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଆହତ ଯୁବକଙ୍କୁ ପ୍ରଥମେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଡମ୍ଫରକୁ ରୂପ୍‌ସା ଥାନାରେ ରଖାଯାଇଛି।

## ବାହାଘର ଭୋଜି ଖାଇ ଯୁବକଙ୍କ ମୃତ୍ୟୁ

**ଢେଙ୍କିକୋଟ, ୨୨।୪(ଡି.ଏନ୍.ଏ.)**

ଢେଙ୍କିକୋଟ ଫାଣ୍ଡି ପିପିଳିଆ ପଞ୍ଚାୟତ ଚିକିଣିଆଁ ଗ୍ରାମରେ ଭାଇ ବାହାଘର ଭୋଜିଖାଇ ଜଣଙ୍କର ମୃତ୍ୟୁ ଘଟିଛି। ଚିକିଣିଆଁ ଗ୍ରାମର ସନାତନ ନାଏକ(୩୫)ଙ୍କ ସମ୍ପର୍କୀୟ ଭାଇର ରବିବାର ବାହାଘର ଥିଲା। ସେ ବରଯାତ୍ରୀ ଯାଇ କନ୍ୟାଘରେ ଭୋଜ ଖାଇ ଆସିଥିଲେ। ତେବେ ସେ ଶୋଇଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ସନାତନଙ୍କ ଶବ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧୫/୧୯)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

## ମା'ଙ୍କୁ ହାଣିଲା ପୁଅ

**ବଡସାହି, ୨୨।୪(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଚକ୍ରଧରପୁର ଗ୍ରାମର ପ୍ରଫୁଲ୍ଲ ବିନ୍ଧାଣୀ(୪୦)ସୋମବାର ନିଶାଶକ୍ତ ଅବସ୍ଥାରେ ଏକ କଟୁରୀରେ ନିଜ ମା'ଙ୍କୁ ଆକ୍ରମଣ କରିଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଗ୍ରାମବାସୀ ବଡସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରଫୁଲ୍ଲ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ପାଟିତୁଣ୍ଡ କରୁଥିବାର ମା' ମାଳତୀ ଏହାକୁ ବିରୋଧ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ପ୍ରଫୁଲ୍ଲ ଏହି କାଣ୍ଡ ଘଟାଇଛନ୍ତି।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ